# ରାୟଗଡ଼ାରେ ୧୭ ରୁ ୨୦ ପର୍ଯ୍ୟନ୍ତ ବୁଲିବ ଅହିଂସା ରଥ

ରାୟଗଡ଼ା ଅଫିସ,୯।୯

ରାୟଗଡ଼ା ଜିଲାରେ ଅହିଂସା ରଥ ସେପ୍ଟେମ୍ବର ୧୭ ରୁ ୨୦ ପର୍ଯ୍ୟନ୍ତ ୪ ଦିନ ପରିକ୍ରମା କରିବ। ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଏହି ରଥ ଅହିଂସା ବାର୍ତ୍ତା ପ୍ରଚାର କରିବ। ଜିଲାରେ ରଥକୁ ସ୍ୱାଗତ କରିବା ନିମନ୍ତେ ଶୁକ୍ରବାର ଜିଲାପାଳ ସ୍ୱଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନ୍‌ଲାଇନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ସୋମନାଥ ପ୍ରଧାନ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର, ଗୁଣପୁର ଉପଜିଲାପାଳ ଲୋକନାଥ ଦଲାବେହେରା, ଜିଲାର ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, ଜିଲାସ୍ତରୀୟ ଅଧିକାରୀ, ନୋଡାଲ ଅଧିକାରୀ, ବିଇଓ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ଉତ୍କଳ ଆଲୁମିନା, ଜେକେ କାଗଜକଳ ଓ ଇମ୍ଫାର ଲୋକସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ। କୋରାପୁଟ ଦେଇ ଜିଲାକୁ ଦୁଇଟି ଅହିଂସା ରଥ ଆସି ୧୭ ରେ ପହଞ୍ଚିବ।

**ସ୍ୱାଗତ ପାଇଁ ପ୍ରଶାସନିକ ପ୍ରସ୍ତୁତି**

୨୦ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକର ପ୍ରମୁଖ ସ୍ଥାନରେ ଭିଡିଓ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଓ ଗାନ୍ଧିଜୀଙ୍କ ବାର୍ତ୍ତା ପ୍ରଚାର କରିବ। ଅଗଷ୍ଟ ୧୫ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରଥର ଉଦ୍‌ଘାଟନ କରିଥିଲେ। ରଥ ଜିଲାରେ ପହଞ୍ଚିବା ପରେ ସୀମାନ୍ତ ସାନକୁଟୀଙ୍ଗା ଗ୍ରାମରେ ଜିଲା ପ୍ରଶାସନ, ଜନପ୍ରତିନିଧି, ଏସ୍‌ଏଚ୍‌ଜି, ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ରହି ସ୍ୱାଗତ କରିବେ। ଗୋଟିଏ ରଥ ରାମ୍ପକଣା ଦେଇ କାଶୀପୁର ବ୍ଲକ ଅଭିମୁଖେ ବାହାରିବ ଏବଂ କାଶୀପୁରରୁ କଲ୍ୟାଣସିଂହପୁର, ବିଷମକଟକ, ମୁନିଗୁଡ଼ା ଓ ଚନ୍ଦ୍ରପୁର ବ୍ଲକଦେଇ ଗୁଣପୁରରେ ପହଞ୍ଚିବ। ଅନ୍ୟଟି ରାୟଗଡ଼ା ସଦର ବ୍ଲକ, କୋଲନାରା, ରାମନାଗୁଡ଼ା, ଗୁଣପୁର, ପଦ୍ମପୁର, ଗୁଡାରି ଦେଇ ଚନ୍ଦ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରି ଗୁଣପୁର ଫେରିବ। ୨୧ ତାରିଖ ସକାଳେ ରଥ ଗଜପତି ଜିଲା ଅଭିମୁଖେ ବାହାରିବ।

## ସଂକ୍ଷେପରେ

### ଗୁଡାରିରେ ୮୫ ଛାତ୍ରୀଛାତ୍ର ଦେଲେ ବୃତ୍ତି ପରୀକ୍ଷା

ଗୁଡାରି,୯।୯(ଡି.ଏନ୍.ଏ.)- ଗୁଡ଼ାରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ତୃତୀୟ ଓ ପଞ୍ଚମ ଶ୍ରେଣୀର ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଗୁଡ଼ାରି ବ୍ଲକ ଓ ଏନ୍‌ଏସିର ୮୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତୃତୀୟ ଶ୍ରେଣୀରେ ମୋଟ ୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣ ଅନୁପସ୍ଥିତ ଥିବା ବେଳେ ପଞ୍ଚମ ଶ୍ରେଣୀରେ ମୋଟ ୪୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ଅନୁପସ୍ଥିତ ଥିଲେ। ତୃତୀୟ ଓ ପଞ୍ଚମ ଶ୍ରେଣୀର ସର୍ବମୋଟ ୧୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫ ଜଣ ଅନୁପସ୍ଥିତ ଥିଲେ। ଏହି କେନ୍ଦ୍ରର ଅବ୍‌ଜରଭର ଭାବେ ଏବିଇଓ କବିବର ପ୍ରଧାନ ଏବଂ ସେଣ୍ଟରର ସୁପରିଣ୍ଟେଣ୍ଡେଣ୍ଟ ରୂପେ ବିଆରସିସି ନବକୃଷ୍ଣ ଗମାଙ୍ଗ ପରୀକ୍ଷା ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ଗୁଡ଼ାରି ଥାନା ଅଧିକାରୀ ଦୀନବନ୍ଧୁ ଶବରଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।

### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି



ବିଷମକଟକ,୯।୯(ଡି.ଏନ୍.ଏ.)-ବିଷମକଟକ ଠାରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଶୁକ୍ରବାର ସ୍ଥାନୀୟ ଦୋଳ ମଣ୍ଡପ ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା ଅକ୍ଟୋବର ୯ରୁ ଆରମ୍ଭ ହେବ। ଶୁକ୍ରବାର ଶୁଭ ମୁହୂର୍ତ୍ତରେ ପୂଜକ ରାମଚନ୍ଦ୍ର ରଥ, କେଶବ ରଥ ଏବଂ ସପନ କୁମାର ରଥଙ୍କ ପୌରହିତ୍ୟରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିସହ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ପୂଜା କମିଟିର ସମସ୍ତ ସଦସ୍ୟ ତଥା ଶଙ୍କର୍ଷଣ ରଥ, ଅରବିନ୍ଦ ମହାରଣା, ରାଜକିଶୋର ସାହୁ, ପ୍ରଦୀପ କୁମାର ସାହୁ, ଶରତ ଆଚାର୍ଯ୍ୟ, ଅଶୋକ ତ୍ରିପାଠୀ, ଡି. ଶିବ ପ୍ରସାଦ, ଆଲୋକ ରଞ୍ଜନ ଖୁଣ୍ଟିଆ ଏବଂ ଅରୁଣ କୁମାର ସାହୁକାର ଉପସ୍ଥିତ ଥିଲେ। ପୂଜା ଶୁଭାରମ୍ଭ ଅବସରରେ ବିଷମକଟକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କରୋନା ଯୋଗୁ ପୂଜା ବନ୍ଦ ଥିବାବେଳେ ଚଳିତ ବର୍ଷ ୭ ଦିନ ଧରି ଆଡମ୍ବରରେ ପୂଜା କରାଯିବ। ପୂଜା ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଶୁଭଖୁଣ୍ଟି ସ୍ଥାପନ ଅବସରରେ ଯୁଗଳ ଭିମ୍ପ୍ସି, ମଙ୍ଗୁଲୁ ପ୍ରଧାନ, ସୁମନ ବେହେରା, ମଦନ ସୁନ୍ଦର ପଟ୍ଟନାୟକ, ମୁନା ଥାପ୍ପା, କେ. ନୂତନ ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଗୁଣପୁରରେ ୧୮୭ ଛାତ୍ରୀଛାତ୍ର ଦେଲେ ବୃତ୍ତି ପରୀକ୍ଷା

ଗୁଣପୁର,୯।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁରର ଦୁଇଟି କେନ୍ଦ୍ରରେ ଗୁରୁବାର ସରକାରୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ୟ ଶ୍ରେଣୀର ପିଲାଙ୍କ ପାଇଁ ବୃତ୍ତି ପରୀକ୍ଷା ହୋଇଥିଲା। ସମୁଦାୟ ୧୧୦ ପିଲାଙ୍କ ମଧ୍ୟରୁ ୧୦୫ ଜଣ ପରୀକ୍ଷା ଦେଇଥିଲେ। ସେହିଭଳି ମରାଠିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀ ପିଲାଙ୍କ ବୃତ୍ତି ପରୀକ୍ଷା ହୋଇଥିଲା। ସମୁଦାୟ ୯୪ ପରିକ୍ଷାର୍ଥୀଙ୍କ ମଧ୍ୟରୁ ୮୨ଜଣ ପରୀକ୍ଷା ଦେଇଥିଲେ।

### ୧୦୬ ପରୀକ୍ଷାର୍ଥୀ ଦେଲେ ଛାତ୍ରବୃତ୍ତି ପରୀକ୍ଷା

ରାମନାଗୁଡ଼ା,୯।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ରାମନାଗୁଡ଼ା ସରକାରୀ ବିଦ୍ୟାଳୟରେ ଗୁରୁବାର ତୃତୀୟ ଓ ପଞ୍ଚମ ଶ୍ରେଣୀ ନିମନ୍ତେ ଛାତ୍ରବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚମ ଶ୍ରେଣୀରେ ୫୪ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ୫୨ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ସେହିପରି ତୃତୀୟ ଶ୍ରେଣୀରେ ୫୪ ଜଣ ଆବେଦନ କରିଥିବାବେଳେ ସମସ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ଓବ୍‌ଜରଭର ଭାବେ ଏବିଇଓ ଦାମୋଦର ହିମିରିକା, ଇନ୍‌ଭିଜିଲେଟର ରୂପେ ଶିକ୍ଷୟିତ୍ରୀ ସ୍ମିତାରାଣୀ ତୁଳ, ଶିକ୍ଷକ ବସନ୍ତ ପ୍ରାଣୀଗ୍ରାହୀ, ସୁପରିଣ୍ଟେଣ୍ଡେଣ୍ଟ ଭାବେ ବିଇଓ ସୃଜନ ମଲିକ ପରୀକ୍ଷା ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା: କ୍ରୀତିଙ୍କୁ ରୌପ୍ୟ

ଅମ୍ବାଦୋଳା(ଡି.ଏନ୍.ଏ.)/ରାୟଗଡ଼ା ଅଫିସ,୯।୯




ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ ବିଜୁପଟ୍ଟନାୟକ ଇନ୍‌ଡୋର କ୍ଲବ ଠାରେ ନିକଟରେ ଆୟୋଜିତ ଓଡ଼ିଶା ଇଣ୍ଟର କ୍ଲବ ଭାରୋତ୍ତଳନ ମହିଳା ଜୁନିୟର ଚାମ୍ପିଅନସିପ୍‌ରେ ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦୋଳା ଅଞ୍ଚଳର ଝିଅ ଏମ୍. କ୍ରୀତିସଫଳତା ହାସଲ କରିଛନ୍ତି। ସେପ୍ଟେମ୍ବର ୨ ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କ୍ରୀତି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିବା ସହ ଅଞ୍ଚଳ ଏବଂ ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି।

କ୍ରୀତି ଅମ୍ବାଦଳା ପଞ୍ଚାୟତ ହାଟପଦା ଗ୍ରାମର କ୍ରିଷ୍ଣାବେଣୀ ଏବଂ ସାଇକ୍ରିଷ୍ଣାଙ୍କର କନିଷ୍ଠ କନ୍ୟା। ବାପା ସାଇକ୍ରିଷ୍ଣା ଏକ କ୍ରଶରରେ ଶ୍ରମିକ ଭାବେ କାମ କରନ୍ତି। ବାପାଙ୍କ ସ୍ୱଳ୍ପ ଆୟ ହେଲେ ମଧ କ୍ରୀତିଙ୍କୁ ଭଲ ଖେଳିବାକୁ ସବୁବେଳେ ଉତ୍ସାହିତ କରି ଆସିଛନ୍ତି। ଏଥିପୂର୍ବରୁ ମଧ କ୍ରୀତି ବିଭିନ୍ନ ସମୟରେ ରାଜ୍ୟ ଏବଂ ରାଜ୍ୟ ବାହାରେ ଭାରୋତ୍ତଳନ ପ୍ରତିଯୋଗିତାରେ ଭାଗନେଇ ସଫଳତା ହାସଲ କରିଛନ୍ତି। ତେବେ ସରକାରୀ ପ୍ରୋତ୍ସାହନ ମିଳିଲେ ସେ ଅଧିକ ସଫଳତା ହାସଲ କରିପାରିବେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ନୃତ୍ୟ ଫାଇନାଲରେ ମମତା, ସ୍ମୃତିମୟୀ ପ୍ରଥମ

## ପାଇକ ସାହି ଗଣେଶ ପୂଜା

ଦୁର୍ଗୀ,୯।୯(ଡି.ଏନ୍.ଏ.)

ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ପାଇକ ସାହିରେ ଗୁରୁବାର ସାହି ଗଣେଶ ପୂଜା କମିଟି ପକ୍ଷରୁ ନୃତ୍ୟ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ଗୀ ସହର ଓ ଆଖପାଖ ଅଞ୍ଚଳରୁ ପିଲାମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୩୦ ସିନିୟର ଓ ଜୁନିୟର ପିଲା ଯୋଗ ଦେଇଥିଲେ। ଫାଇନାଲ ପ୍ରତିଯୋଗିତାରେ ସିନିୟର ବର୍ଗରେ ମମତା ପିରିପାକା ଓ ଜୁନିୟର ବର୍ଗରେ ସ୍ମୃତିମୟୀ ମାଦଲା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅତିଥି ଭାବେ ବିଶିଷ୍ଟ ନାଟ୍ୟ କଳାକାର



ପୁରୁଷୋତ୍ତମ ପାତ୍ର, ସାମାଜିକକର୍ମୀ ସୋମନାଥ ମାଦଳା ଓ ପଦ୍ମାଳୟା କମ୍ପାନୀର ସିଇଓ ରଜନୀକାନ୍ତ ପାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପାତ୍ର କିଓସ୍କ ବ୍ୟାଙ୍କ ସ୍ପନ୍ସର କରିଥିଲା। ସୂଚନଯୋଗ୍ୟ, ଏହି ଗଣେଶ ପୂଜା କମିଟି ୩୦ ବର୍ଷ ହେଲା ପୂଜା ପାଳନ କରି ଆସୁଛି। ବିଶ୍ୱଜିତ ମାଦଳା, ଡିଜେ କାନ୍ହୁ, ଧଳା ଭାଲୁ ପୂଜା ଓ ସମସ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ୨୬ ବର୍ଷ ପରେ କୋର୍ଟ ରାୟ

ଗୁଣପୁର,୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସ୍ତ୍ରୀଙ୍କ ସହ ତାଙ୍କ ଝିଅଙ୍କୁ ଭରଣପୋଷଣ କରିବା ନେଇ ଚାଲିଥିବା ମାମଲାର ରାୟ ୨୬ ବର୍ଷ ପରେ ଶୁକ୍ରବାର ପ୍ରକାଶ ପାଇଛି। ମହିଳା ହେଲେ କୁମାରୀ ଗମାଙ୍ଗ। ସେ ତାଙ୍କ ସ୍ୱାମୀଙ୍କ ଠାରୁ ଭରଣପୋଷଣ ପାଇଁ ୧୯୯୬ ଅକ୍ଟୋବର ୧୧ ରେ ଗୁଣପୁର ଏସ୍‌ଡିଜେଏମ୍‌ଙ୍କ ନିକଟରେ ମାମଲା ବରିଷ୍ଠ ଓକିଲ ଦିବଂଗତ ପି.ଭି. ଗୋପାଳମ୍‌ଙ୍କ ଜରିଆରେ ରୁଜୁ କରିଥିଲେ। ଅପରପକ୍ଷେ ବିପକ୍ଷବାଦୀଙ୍କ ପାଇଁ ଦିବଂଗତ ନାଗଭୂଷଣ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

ମହିଳାଙ୍କ ଘର କଇଠପଦର ହୋଇଥିବାବେଳେ ସେ ଗୁଣପୁର ପୌର ପରିଷଦ ଅଧୀନ ଆର୍ସିଂଗୁଡ଼ାର ଦୟା

**ଭରଣପୋଷଣ ମାମଲା**

ଗମାଙ୍ଗଙ୍କୁ ୧୯୮୩ ଜାନୁୟାରୀ ୨୦ ରେ ବିବାହ କରିଥିଲେ। ଦୟା ଗମାଙ୍ଗ ଶିକ୍ଷକ ଥିଲେ। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସେ କୁମାରୀଙ୍କୁ ବିବାହ କରିଥିଲେ। ସେମାନଙ୍କ ଔରସରୁ ଗୋଟିଏ ଝିଅ ମଧ ହୋଇଥିଲା। ସେମାନଙ୍କ ମଧ୍ୟରେ କୌଣସି ମନୋମାଳିନ୍ୟ ହେବା ପରେ କୁମାରୀଙ୍କୁ ସେ ଛାଡ଼ି ଦେଇଥିଲେ। ଏହାପରେ କୁମାରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ନିଜ ଝିଅ ମେନାକା ଏବଂ ତାଙ୍କର ଭରଣପୋଷଣ ପାଇଁ ମାମଲା ରୁଜୁ କରିଥିଲେ। କୁମାରୀଙ୍କ ପାଇଁ ୩୦୦ ଏବଂ ଝିଅ ମେନାକାଙ୍କ ପାଇଁ ୫୦୦ ଏପରି ମୋଟ ୮୦୦ ଟଙ୍କା ତାଙ୍କ ସ୍ୱାମୀ ପ୍ରଦାନ କରନ୍ତୁ ବୋଲି ମାମଲା ରୁଜୁ କରିଥିଲେ। ଦୀର୍ଘ ୨୬ ବର୍ଷ ଧରି ମାମଲାର ଶୁଣାଣି ଚାଲୁ ରହିଲା। ଶେଷରେ କୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇଛି। ଏସ୍‌ଡିଜେଏମ୍ ସାନ୍ତାଶ୍ରୀ ମହାନ୍ତି ରାୟ ଶୁଣାଇ କୁମାରୀଙ୍କ ଭରଣପୋଷଣ ପାଇଁ ମାମଲା ଦାଖଲର ଦିନଠାରୁ ମାସିକ ୨୦୦୦ ଟଙ୍କା ପ୍ରଦାନ କରିବାକୁ ଦୟା ଗମାଙ୍ଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କୁମାରୀଙ୍କ ଓକିଲ ଗୌରି ଦାସ ସୂଚନା ଦେଇଛନ୍ତି। ତେବେ ମେନାକାଙ୍କ ବିବାହ ସରିଥିବାରୁ ତାଙ୍କୁ ଭରଣପୋଷଣ ଦିଆଯାଇପାରିବ ନାହିଁ ବୋଲି କୋର୍ଟ ରାୟରେ ପ୍ରକାଶ କରିଛନ୍ତି। ତେବେ ଏହି ରାୟ ବିରୋଧରେ ଉପର କୋର୍ଟର ଦ୍ୱାରସ୍ଥ ହେବେ ବୋଲି କୁମାରୀଙ୍କ ଓକିଲ ଗୌରି ଦାସ କହିଛନ୍ତି। ଅପରପକ୍ଷେ କୁମାରୀଙ୍କୁ ଭରଣପୋଷଣ ପାଇଁ ଯେଉଁ ରାୟ କୋର୍ଟ ପକ୍ଷରୁ ପ୍ରକାଶ ପାଇଛି ତାହାରି ବିରୋଧରେ ଦୟାଙ୍କ ଓକିଲ ଫଣି ଭୂଷଣ ପଟ୍ଟନାୟକ ମଧ ଉପର କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ମାଓବାଦୀ ନେତା ସବ୍ୟସାଚୀଙ୍କ ବୟାନ ରେକର୍ଡ

ଗୁଣପୁର,୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଏଡିଜେଙ୍କ କୋର୍ଟରେ ଶୁକ୍ରବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ବୟାନ ରେକର୍ଡ କରାଯାଇଛି। ୨୦୧୩ ରେ ଚନ୍ଦ୍ରପୁର ଅଞ୍ଚଳରେ ଲ୍ୟାଣ୍ଡମାଇନ ପାଇଁ ବ୍ୟବହୃତ ହୋଇଥିବା ବିସ୍ଫୋରକ ସାମଗ୍ରୀ ଜବତ



କୋର୍ଟ ପରିସରରେ ଓକିଲଙ୍କ ସହ ସବ୍ୟସାଚୀ।

**ଚନ୍ଦ୍ରପୁରରୁ ବିସ୍ଫୋରକ ସାମଗ୍ରୀ ଜବତ ମାମଲା**

ମାମଲାରେ ସବ୍ୟସାଚୀଙ୍କ ବୟାନ ରେକର୍ଡ ହୋଇଛି। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଗ୍ରହଣ ସରିବା ପରେ କୋର୍ଟ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ସ୍ୱରୁପ ବୟାନ ରେକର୍ଡ କରାଯାଇଥିଲା। ବ୍ରହ୍ମପୁର ଜେଲରୁ ସବ୍ୟସାଚୀଙ୍କୁ ଅଣାଯିବା ପରେ ଗୁଣପୁର ଏଡିଜେ ମାନସ ରଞ୍ଜନ ରଥଙ୍କ ନିକଟରେ ହାଜର କରାଯାଇଥିଲା। ଏହି ସମୟରେ ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ଏବଂ ଏହି ମାମଲା ପାଇଁ ସରକାରଙ୍କ ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର ଓକିଲ ଉମାଚରଣ ପଟ୍ଟନାୟକ ଉପସ୍ଥିତ ଥିଲେ।

# କ୍ଷେତ୍ର କର୍ମଚାରୀ ଗିରଫ, ୮୦,୭୭୦ ଟଙ୍କା ଜବତ

## ଅଭିନବ ଉପାୟରେ ଟଙ୍କା ଲୁଟ ମାମଲା

ଗୁଣପୁର,୯।୯(ଡି.ଏନ୍.ଏ.)- ଅଭିନବ ଉପାୟରେ ଟଙ୍କା ଲୁଟ ମାମଲାରେ ଗୁଣପୁର ପୋଲିସ ଜଣଙ୍କୁ ଗିରଫ କରିବା ସହ ଘଟଣାର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ସମ୍ପୃକ୍ତ ପ୍ରଦୀପ ଖରାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଥାନ ଅଧିକାରୀ ନିଳାମ୍ବର ଜାନି ସୂଚନା ଦେଇଛନ୍ତି। ମାମଲାରୁ ଜଣାଯାଏ, ଗୁଣପୁର ସହର ମହିଳା ମହାବିଦ୍ୟାଳୟ ନିକଟରେ ପିପୁଲ୍‌ସ ଫାର୍ମ ନାମକ ଏକ ଅର୍ଥ ଲଗାଣକାରୀ ସଂସ୍ଥା ରହିଛି। ସେହି ସଂସ୍ଥାର କ୍ଷେତ୍ର କର୍ମଚାରୀ ପ୍ରଦୀପ ଖରା ରାମନାଗୁଡ଼ା ବ୍ଲକର ଗୁଲୁଣଠି ଅଞ୍ଚଳକୁ ଋଣ ଟଙ୍କା ଆଦାୟ କରିବା ପାଇଁ ଯାଇଥିଲେ। ସେଠାରୁ ସେ ୯୪,୬୭୫ ଟଙ୍କା ନେଇ ଆସିଥିଲେ। ରାସ୍ତାରେ ପ୍ରଦୀପ ଟଙ୍କା ବ୍ୟାଗ୍‌କୁ ମାଟି ତଳେ ପୋତି ଦେଇଥିଲେ। ସେହି ସ୍ଥାନରେ ତାଙ୍କଠାରୁ ୩ ଦୁର୍ବୃତ୍ତ ସ୍କୁଟି ଭାଙ୍ଗି ଟଙ୍କା ଲୁଟି ନେଇଥିବା କହି କାନ୍ଦୁଥିଲେ। ଘଟଣା ବିଷୟରେ ପ୍ରଦୀପ ଶାଖା ପରିଚାଳକ ସନ୍ତୋଷ ଗୌଡ଼ଙ୍କୁ ଫୋନରେ ଜଣାଇଥିଲେ। ସନ୍ତୋଷ ଏ ନେଇ ଗୁଣପୁର ଥାନରେ ଏତଲା ଦେଇଥିଲେ। ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୮୦,୭୭୦ ଟଙ୍କା ଜବତ କରିଛି।

## ପ୍ରଥମ ପୃଷ୍ଠାରୁ...

### ଉତ୍ତମ ସମାରିଟାନ...

ଅନୁମୋଦନ କରିଛନ୍ତି। ଉକ୍ତ ନୀତିର-୨୧ ଧାରାକୁ ସଂଶୋଧନ କରାଯାଇଛି।

ସଡ଼କ ଦୁର୍ଘଟଣାର ପ୍ରଥମ ଏକଘଣ୍ଟା ହେଉଛି 'ଗୋଲ୍‌ଡେନ୍ ଆୱାର'। ଏହି ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଗଲେ ସଡ଼କ ଦୁର୍ଘଟଣାର ମୃତ୍ୟୁ ୫୦%କୁ ହ୍ରାସ କରାଯାଇପାରିବ। ଏହି ନୀତି ଅନୁଯାୟୀ, ଉତ୍ତମ ସମାରିଟାନ ବା ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ପୁରସ୍କାର ଦେବା ବ୍ୟବସ୍ଥା ରହିଛି। ଉତ୍ତମ ସମାରିଟାନଙ୍କୁ ପୁରସ୍କୃତ କରିବା ପାଇଁ ଆର୍ଥିକ ସହାୟତା ସୁପାରିସ କରାଯାଏ। ଜଣେ ବ୍ୟକ୍ତି କିମ୍ବା ବ୍ୟକ୍ତିଙ୍କୁ ୨୦୦୦ ଟଙ୍କା ନଗଦ ପୁରସ୍କାର ପ୍ରୋତ୍ସାହନ ରାଶି ଭାବେ ଦିଆଯିବା ବ୍ୟବସ୍ଥା ରହିଛି।

### ପ୍ରକାଶ ପାଇଲା ଓସିଏସ୍...

ବିଜ୍ଞପ୍ତି ମାଧ୍ୟମରେ ପରୀକ୍ଷାର୍ଥୀମାନଙ୍କୁ ଅବଗତ କରାଯିବ ବୋଲି ଓପିଏସ୍‌ସି ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୦ରୁ ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ଓସିଏସ୍-୨୦୨୦ର ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୫ଟି ଜୋନ୍‌ର ୧୬ଟି କେନ୍ଦ୍ରରେ ୪୭୫୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରେ ବାଲେଶ୍ୱର ଜୋନ୍‌ର ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୫୨ ଜଣ, ବ୍ରହ୍ମପୁର ଜୋନ୍‌ର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୮୫ ଜଣ, ଭୁବନେଶ୍ୱରର ୯ଟି ପରୀକ୍ଷା କେନ୍ଦ୍ରରେ ୩୦୧୬ ଜଣ, କଟକ ଜୋନ୍‌ର ଦୁଇଟି ପରୀକ୍ଷା କେନ୍ଦ୍ରରେ ୫୭୧ ଜଣ ଓ ସମ୍ବଲପୁର ଜୋନ୍‌ର ତିନୋଟି କେନ୍ଦ୍ରରେ ୬୩୦ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି।

### ଉନ୍ନୟନ କାର୍ଯ୍ୟ ପାଇଁ...

(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପାଇଁ ମୋଟ ୭୦୩ ପରିବାରର ୨,୫୧୪ ଜଣ ନାମ ପଞ୍ଜୀକରଣ କରିଛନ୍ତି। ଏଥିରୁ ଏକ ତୃତୀୟାଂଶରୁ ଅଧିକ ଅର୍ଥାତ ୨୫୯ ପରିବାରର ୯୮୭ ଜଣ ଅନୁସୂଚିତ ଜାତିର ଅଛନ୍ତି। ଏହି ଶ୍ରମିକଙ୍କୁ କର୍ମନିଯୁକ୍ତି ମିଳିବା ତ ଦୂରର କଥା, ଘରୁ ବାହାରକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୦ ମସିହାରୁ ଅଦ୍ୟାବଧି ୨୯ଟି ଗ୍ରାମ ସଂଯୋଗୀକରଣ ରାସ୍ତା ନିର୍ମାଣ ହେଉଥିବା ଦର୍ଶାଯାଉଥିଲେ ମଧ ସେହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି ୧୯ଟି ରାସ୍ତା ନିର୍ମାଣ ମଞ୍ଜୁରୀ ପାଇଥିଲେ ମଧ କାର୍ଯ୍ୟାରମ୍ଭ ହୋଇନାହିଁ। ବାଲିଭାଣ୍ଡ ବଡପୋଖରୀଠାରୁ ଯୋର ପର୍ଯ୍ୟନ୍ତ ପୋଲ ସହ ରାସ୍ତା ପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ ମଞ୍ଜୁରୀ ଅପେକ୍ଷାରେ ଅଛି। ଶର୍ତ୍ତାବାଦ ଦାଣ୍ଡି ୧ ନଂ. ଓ ୫ ନଂ. ୱାର୍ଡକୁ ଲାଗିଛି। ଏହି ଦୁଇ ୱାର୍ଡରେ ୪୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଗତ ଲଗାଣ ବର୍ଷା ଓ ବନ୍ୟାରେ ଦାଣ୍ଡିଟି ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଛି। ଦୀର୍ଘଦିନ ଧରି ଏହି ପାଣି ଜମି ରହିବାରୁ ଦୁର୍ଗନ୍ଧ ହେଉଛି। ପାଣି ପାଇଁ ଲୋକମାନେ ଜଳବାହିତ ରୋଗର ଶିକାର ହେଉଛନ୍ତି। ମ୍ୟାଲେରିଆ ବ୍ୟାପୁଛି। ସରକାରୀ ସାହାଯ୍ୟ ନ ମିଳିବାରୁ ୫ ନଂ. ୱାର୍ଡ ସଭ୍ୟ ଅକ୍ଷୟ ମଲ୍ଲିକ ମୂଲ ଲାଗି ଆଣିଥିବା ପଇସାରେ ମଶାରି କିଣି ବାଣ୍ଟୁଛନ୍ତି। ଉନ୍ନୟନ କାର୍ଯ୍ୟ ପାଇଁ ଭିକ୍ଷା ସମ୍ପର୍କରେ ସମିତିସଭ୍ୟ ପ୍ରବେସନ ମଲ୍ଲିକ ଓ ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲ୍ଲିକ କହିଛନ୍ତି, ଲୋକଙ୍କ ସମସ୍ୟା ସମାଧାନ ଆଶାରେ ଲୋକ ପ୍ରତିନିଧି ହୋଇଛୁ। ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛୁ। ଶର୍ତ୍ତାବାଦ ଦାଣ୍ଡି ଏବେ ଦୁଇ ୱାର୍ଡବାସୀଙ୍କ ପାଇଁ ବିପଦ ହୋଇଛି। ମଣିଷ ଓ ଗୃହପାଳିତ ପଶୁ ଯାତାୟାତ କରି ପାରୁନାହାନ୍ତି। ଏ ନେଇ ଗତ ଜନଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେବା ସହ ସମାଧାନ ପାଇଁ ନିବେଦନ କରିଥିଲୁ। ଜିଲାପାଳ ଅମୃତ ଋତୁରାଜ ସମସ୍ୟାର ସମାଧାନ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରଦିନ ବ୍ଲକ ପ୍ରଶାସନିକ ଅଧିକାରୀ ଦାଣ୍ଡି ଅଞ୍ଚଳ ବୁଲିବା ସହ ବାଲି ପକାଇବା ପାଇଁ ନିର୍ଦ୍ଦେଶ ଦେଲେ। ତେବେ ରାସ୍ତା କାମ ଆରମ୍ଭ ହେବାରୁ ଏହି କାମ ବନ୍ଦ କରିବାକୁ ଅଧିକାରୀ କହିଥିଲେ। ଲୋକଙ୍କ ଦୁର୍ଦ୍ଦଶା ଏବେ ଅଧିକ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆର୍ଥିକ ଓ ଶ୍ରମ ସହଯୋଗରେ ଭିକ୍ଷା କରୁଥିବା ସେମାନେ କହିଛନ୍ତି। ଗ୍ରାମର ଭଜନା ସୂତାର କହିଛନ୍ତି, ପ୍ରଶାସନିକ ଅଧିକାରୀଙ୍କ ଏପରି ଅସହଯୋଗ ଭାରି ବାଧୁଛି। ଏଥିପାଇଁ ଦାଣ୍ଡି ନିର୍ମାଣ ପାଇଁ ନିଜେ ଟଙ୍କା ଦେବା ସହ ଗ୍ରାମବାସୀ ଟଙ୍କା ଦେଉଛନ୍ତି। ଆବଶ୍ୟକ ପଡିଲେ ଶ୍ରମଦାନ ପାଇଁ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀଙ୍କୁ ପଚାରିବାରେ ଘଟଣାଟି ଏବେ ନଜରକୁ ଆସିଛି। କେଉଁ ପରିସ୍ଥିତିରେ କାର୍ଯ୍ୟବନ୍ଦ ହୋଇଛି ସେ ନେଇ ଆଲୋଚନା କରିବାକୁ ଲୋକ ପ୍ରତିନିଧିଙ୍କ ସହ ରାଜକନିକା ବିଡିଓଙ୍କୁ ଡକାଯାଇଛି ବୋଲି ସେ କହିଛନ୍ତି।

### ନଭେମ୍ବର ୮ରୁ କଟକ...

ରାସ୍ତା ସଂଯୋଗ, ଟ୍ରାଫିକ୍ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ, ଷ୍ଟଲ୍ ପାଇଁ ସ୍ଥାନ ନିର୍ଦ୍ଧାରଣ, ବିଦ୍ୟୁତ୍ ସଂଯୋଗ, ପରିମଳ, ସ୍ୱାସ୍ଥ୍ୟ ସେବା ଓ ଆଇନଶୃଙ୍ଖଳା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏସବୁର ଉତ୍ତମ ପରିଚାଳନା ନିମନ୍ତେ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରା ପଡ଼ିଆରେ ଅଧିକ ସଂଖ୍ୟକ ପାଣି ଟ୍ୟାଙ୍କର, ଅସ୍ଥାୟୀ ବାୟୋ ଟଏଲେଟ୍ ବ୍ୟବସ୍ଥା କରିବାକୁ କଟକ ପୌର ପରିଷଦ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ କୁହାଯାଇଛି। ଯାତ୍ରା ପଡ଼ିଆରେ କେବୁଲ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ କରିବାକୁ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରା ସମୟରେ ନଦୀରେ ଜଳକ୍ରୀଡ଼ା ଏବଂ ଡେଜର୍ଟ ବାଇକ୍ ରାଇଡିଂ ଆଦି ବ୍ୟବସ୍ଥା ବିଷୟରେ ମଧ ଆଲୋଚନା ହୋଇଛି। ଏବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ତରଫରୁ ଅଧିକ ସଂଖ୍ୟକ ଲୋକକଳା, ସଙ୍ଗୀତ ଏବଂ ନୃତ୍ୟ ଗ୍ରୁପ୍ ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ବୈଠକରେ ସୂଚନା ଦେଇଛନ୍ତି। ଏନ୍‌ଜିଟି ଗାଇଡ୍‌ଲାଇନ ଅନୁସାରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ଓ ନଗର ଉନ୍ନୟନ, ପୂର୍ତ୍ତ, ଶକ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆଦି ବିଭାଗ ମାଧ୍ୟମରେ ଯାତ୍ରା ପ୍ରସ୍ତୁତି ପାଇଁ ପ୍ରାୟ ୧୫.୩୫ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅନିଲ କୁମାର ସାମଲ, କଟକ ପୌର ପରିଷଦ କମିଶନର ନିଖିଲ ପଵନ କଲ୍ୟାଣ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପୁଅ ଆଗରେ ଭାସିଗଲେ...

ନିକଟରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କଲାବେଳକୁ ସେ କଲଭର୍ଟ ତଳକୁ ଖସିପଡ଼ିଥିଲେ। ପୋଲିସ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି କରୁଥିବା ଜଣାପଡ଼ିଛି।

### ମିଳିଲାନି ସହାୟତା...

ଶଯ୍ୟାଶାୟୀ ହୋଇଥିବାରୁ ଯନ୍ତ୍ରଣାରେ ଛଟପଟ ହୋଇ ଚଳିତବର୍ଷ ଅଗଷ୍ଟରେ ଟୁଇଟ୍ କରି ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ତେବେ ସବୁଆଡୁ ନିରାଶ ହେବା ପରେ ଶୁକ୍ରବାର ସକାଳେ ବିଜୟ ନିକଟସ୍ଥ ଏକ ସାର ଦୋକାନକୁ କଷ୍ଟମଷ୍ଟେ ଯାଇ ସେଠାରେ କୀଟନାଶକ କିଣି ପିଇ ଦେଇଥିଲେ। ଏନେଇ ଖନ୍ତାପଡ଼ା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ଏଲ୍‌ପିଜି ସିଲିଣ୍ଡରର ନିରାପଦ ବ୍ୟବହାର ତାଲିମ

ଟିକିରି,୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଟିକିରି ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ (ୟୁଏଆଇଏଲ) ପକ୍ଷରୁ 'ଏଲ୍‌ପିଜି ସିଲିଣ୍ଡରର ନିରାପଦ ବ୍ୟବହାର' ବିଷୟରେ ଏକ ତାଲିମ କାର୍ଯ୍ୟକ୍ରମ ନୂଆପଡ଼ା ଏବଂ ଓଷାପଡ଼ା ସହରାଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୬ ଏବ ୭ ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମ୍ପାନୀର ସମସ୍ତ ୫୧୦ କ୍ୱାର୍ଟର୍ସରେ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର, ପ୍ରେସର ରେଗୁଲେଟର, ରବର ଟ୍ୟୁବ୍, ହଟ୍ ପ୍ଲେଟ୍ ଅଦି ସମ୍ପର୍କରେ ଅଡିଟ୍ କରାଯିବା ସହ ଭାରତ ଗ୍ୟାସ୍‌ର ବୈଷୟିକ ଟିମ୍ ପକ୍ଷରୁ ଗ୍ରାହକଙ୍କୁ ନିରାପତ୍ତା ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ଗ୍ୟାସ୍ ସିଲିଣ୍ଡର ଜନିତ ଦୁର୍ଘଟଣାକୁ ରୋକିବାରେ ସମ୍ଭବ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।




ବୈଷୟିକ ଟିମ୍ କ୍ୱାର୍ଟର୍ସରେ ଗ୍ରାହକଙ୍କୁ ନିରାପତ୍ତା ତାଲିମ ଦେଉଛନ୍ତି।

**ୟୁଏଆଇଏଲ୍ ପକ୍ଷରୁ ୫୧୦ କ୍ୱାର୍ଟର୍ସରେ ଅଡିଟ୍**

ନିରାପତ୍ତା ସମ୍ପର୍କିତ ସର୍ତ୍ତ ଏବଂ କାର୍ଯ୍ୟାଭ୍ୟାସ ଗୁଡ଼ିକୁ ଲାଗୁ କରିବାରେ କମ୍ପାନୀ କୌଣସି ପ୍ରକାର ସାଲିସ କଲେନାହିଁ ବୋଲି ୟୁଏଆଇଏଲ୍‌ର ୟୁନିଟ ମୁଖ୍ୟ ମଜହର ବେଗ୍ କହିଛନ୍ତି। କାର୍ଯ୍ୟ ପରବର୍ତ୍ତୀ ସମୟରେ ବିପଜ୍ଜନକ ଘଟଣା ନିୟନ୍ତ୍ରଣ କରିବାକୁ କମ୍ପାନୀ ପକ୍ଷରୁ ଏକ ନିରାପତ୍ତା ଟାସ୍କଫୋର୍ସ ଗଠନ କରାଯାଇଛି। କମ୍ପାନୀର ୟୁନିଟ ମୁଖ୍ୟଙ୍କ ମାର୍ଗଦର୍ଶନରେ ନିରାପତ୍ତା ଟାସ୍କଫୋର୍ସର ସଭାପତି(କାର୍ଯ୍ୟ ସମୟ ବାହାରେ)ହିନା ବେଗ୍, ଟାସ୍କଫୋର୍ସର ଚେୟାରପର୍ସନ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ସୁରକ୍ଷା ମୁଖ୍ୟ ଜୟ ତିୱାରୀ ଏବଂ ଟାସ୍କଫୋର୍ସର ସଦସ୍ୟ ନିରାପଦ ଆଚରଣ ଓ କାର୍ଯ୍ୟାଭ୍ୟାସକୁ ପ୍ରୋତ୍ସାହିତ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା

ବିଷମକଟକ,୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମାଁ ମର୍କମା କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ 'ଏସିଡ୍ ପୀଡ଼ିତାଙ୍କ ପ୍ରତି ଆଇନ ସହାୟତା ଏବଂ ସରକାରଙ୍କ କ୍ଷତିପୂରଣ ଯୋଜନା' ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷା ତଥା ବରିଷ୍ଠ ଦେୱାନୀ ବିଚାରପତି ଅରୁନ୍ଧତୀ ଆଚାର୍ଯ୍ୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଅଶ୍ୱିନ କୁମାର ସାହୁ, ପୋଲିସ ଏସ୍‌ଆଇ ପି. ଓଝା, ଓକିଲ ମନ୍ମଥ ରାଓ, ସନ୍ତୋଷ କୁମାର ପଣ୍ଡା, ପ୍ରଶାନ୍ତ କୁମାର ରଥ, ସ୍ଥାନୀୟ ମହାବିଦ୍ୟାଳୟର ଅଧ୍ୟାପକ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ରହି ନିଜର ମତ ରଖିଥିଲେ। ସଚେତନତା କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ରାୟଗଡ଼ାରୁ ଭୁବନେଶ୍ୱର ସମାବେଶକୁ ଯିବେ ୧ ହଜାର କର୍ମଚାରୀ

ରାୟଗଡ଼ା ଅଫିସ,୯।୯

ଓଡ଼ିଶାରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ସମ୍ପୂର୍ଣ୍ଣ ଉଚ୍ଛେଦ ଓ ଚୁକ୍ତିଭିତ୍ତିକ କାର୍ଯ୍ୟକାଳ ୬ବର୍ଷକୁ ମୂଳ ଚାକିରିରେ ଗଣତି ଦାବିରେ ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ପକ୍ଷରୁ ଏକ ମହାସମାବେଶ ଭୁବନେଶ୍ୱରରେ ଆୟୋଜିତ ହେବ। ଏଥିରେ ସାରା ରାଜ୍ୟରୁ ପ୍ରାୟ ୭୦ ହଜାର କର୍ମଚାରୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରାୟଗଡ଼ା ଜିଲାରେ କାର୍ଯ୍ୟରତ ସମସ୍ତ ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀ, ହାଇସ୍କୁଲ ଶିକ୍ଷକ ଓ କନିଷ୍ଠ ଶିକ୍ଷକଙ୍କୁ ମିଶାଇ ପ୍ରାୟ ୧ ହଜାର କର୍ମଚାରୀ ଏହି ସମାବେଶରେ ଯୋଗଦେବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

**ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବି**

ସୂଚନାଯୋଗ୍ୟ, ରାଜ୍ୟରୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ନିମନ୍ତେ ସଂଘ କର୍ମଚାରୀ ମାନେ ପୂର୍ବରୁ ଶାନ୍ତିପୂର୍ଣ୍ଣ ଭାବେ ଓ କୌଣସି ଦିନ ସରକାରୀ କାର୍ଯ୍ୟରେ ଅବହେଳା ନ କରି କଳାବ୍ୟାଜ୍ ପରିଧାନ କରି ସରକାରଙ୍କୁ ଦାବି ଜଣାଇଥିଲେ। ସରକାର ଏ ଦିଗରେ କୌଣସି ଆଗ୍ରହ ପ୍ରକାଶ ନ କରିବାରୁ ରାଜ୍ୟ ସଂଘର ନିର୍ଦ୍ଦେଶରେରେ ଭୁବନେଶ୍ୱରରେ ଏକ ମହାସମାବେଶ କରି ସରକାରଙ୍କୁ ଦାବି ଜଣାଇବ ବୋଲି ରାୟଗଡ଼ା ଶାଖା ସଭାପତି ସ୍ନେହାଶିଷ ପାତ୍ର ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୧ ଭୁବନେଶ୍ୱର ଚାଲ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶୁକ୍ରବାର ସଂଘ କର୍ମଚାରୀଙ୍କ ଦ୍ୱାରା ଗୁଣପୁର ଜଗନ୍ନାଥ ମନ୍ଦିର ଓ ମାଁ ମଝିଘରିଆଣୀଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ଓଡ଼ିଶାରୁ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ଆଶା ରଖିଥିବା ପ୍ରେସ ବିବୃତ୍ତିରେ ସଂଘର ସମ୍ପାଦକ ଅଭିଷେକ ଦାସ, ସୁଧାଂଶୁ ପଣ୍ଡା, ଏନ୍. ପ୍ରଦୀପ, ଆଇ. ନରେଶ, ଆଦିତ୍ୟ ନାରାୟଣ ସ୍ୱାଇଁ, ଆଶୁତୋଷ ହୋତା, ମୁନା ସାହୁ, ଦିଗନ୍ତ ପ୍ରଧାନ, ବଳରାମ ଭୂୟାଁ, ସଞ୍ଜିତ ପଣ୍ଡା ଓ ଅକ୍ଷୟ ପଣ୍ଡା ସୂଚନା ଦେଇଛନ୍ତି।

## ଠକେଇ ମାମଲାରେ ଜଣେ ଗିରଫ

ଜୟପୁର, (ନି.ପ୍ର.)- ଠକେଇ ମାମଲାରେ ଟାଉନଥାନା ପୋଲିସ ଶୁକ୍ରବାର ଜଣକୁ ଗିରଫ କରିଛି ସେ ହେଲେ ରାୟଗଡାର କାହ୍ନୁ ଚରଣ ପଟ୍ଟନାୟକ (୪୨)। କାହ୍ନୁଚରଣ ପାରାମାଉଣ୍ଟ ଅଟୋମୋବାଇଲରେ ମ୍ୟାନେଜର ଥିବା ବେଳେ ୮ ଲକ୍ଷ ଟଙ୍କାର ଠକେଇ କରିଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ତଦନ୍ତ କରି କାହ୍ନୁଚରଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ସଂକ୍ଷେପରେ

### ଆଜି ରାଜ୍ୟପାଳଙ୍କ ଦୁଇଦିନିଆ କୋରାପୁଟ ଗସ୍ତ ସୁରକ୍ଷା ବ୍ୟବସ୍ଥା କଡାକଡି

କୋରାପୁଟ,୯।୯(ସ୍ୱ.ପ୍ର.)- ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦୁଇଦିନିଆ କୋରାପୁଟ ଜିଲା ଗସ୍ତରେ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ହୀରାଖଣ୍ଡ ଟ୍ରେନ ଯୋଗେ ଶନିବାର ସକାଳେ କୋରାପୁଟ ଷ୍ଟେଶନରେ ରାଜ୍ୟପାଳ ପହଞ୍ଚିବା ପରେ ଏଠାରୁ ସିଧା କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସକୁ ଯିବେ। ସେଠାରେ ଅବସ୍ଥାନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜଣାପଡିଛି। ରାଜ୍ୟପାଳଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି କୋରାପୁଟ ରେଳବାଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବା ଷ୍ଟେସନ ମ୍ୟାନେଜର ନରେନ୍ଦ୍ର ଭିତିରିଆ କହିଛନ୍ତି। ସେହିପରି ଏହି ଗସ୍ତକୁ ନେଇ କୋରାପୁଟ ଅତିରିକ୍ତ ଏସ୍‌ପି ଉତ୍କଳ କେଶରୀ ଦାସ ରେଳ ଷ୍ଟେଶନ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଜିଲା ପୋଲିସ ପକ୍ଷରୁ ମଧ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ଦାସ ସୂଚନା ଦେଇଛନ୍ତି। ସୁରକ୍ଷା ନେଇ ଜଣେ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୧୦ ଜଣ ଇନ୍ସପେକ୍ଟର ଏବଂ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଦାସ ପ୍ରକାଶ କରିଛନ୍ତି।

### ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା-୨.୦ର ପ୍ରଚାର ଅଭିଯାନ

ମାଲକାନଗିରି, ୯।୯ (ସ୍ୱ.ପ୍ର.)-ମାଲକାନଗିରି ମହାବିଦ୍ୟାଳୟରେ ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା- ୨.୦ର ପ୍ରଚାର ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ବର୍ଷ ଅଗଷ୍ଟ ୨୬ରେ ଶୁଭାରମ୍ଭ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। ଅଧକ୍ଷ ଅଶୋକ ଷଡ଼ଙ୍ଗୀ ସ୍ୱାଗତ ସୂଚନା ଦେଇଥିଲେ। ଜିଲା ଶିଳ୍ପକେନ୍ଦ୍ରର ତରୁଣକାନ୍ତ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଉଦ୍ୟୋଗକାରୀ ହୋଇ ମାଲିକ ହେବାକୁ ପରାମର୍ଶ ଦେଇଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଞ୍ଜନ ସ୍ୱାଇଁ ଅଣୁ, କ୍ଷୁଦ୍ର ଓ ମଧମ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ନୀତିନିୟମ ଏବଂ ଆର୍ଥିକ ସୁବିଧା, ପରାମର୍ଶ ଏବଂ ଆର୍ଥିକ ପ୍ରୋତ୍ସାହନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଡିଏସ୍‌ପି ରବୀନ୍ଦ୍ରନାଥ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିଳ୍ପ ପ୍ରତିଷ୍ଠା ଲାଗି ସେମାନଙ୍କ ଚିନ୍ତାଧାରା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ମାଧମରେ ବିଭିନ୍ନ ପ୍ରକାର ପ୍ରକଳ୍ପ ବିଷୟରେ ଛାତ୍ରୀଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଧୃତିସୁନ୍ଦର ଦାସ ଏବଂ ଅନିର୍ବାଣ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଓଡ଼ିଶାର ବିଭିନ୍ନ ଉଦ୍ୟୋଗ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୁରାତନ ଛାତ୍ର ଆଡମା ରାବା, ରବି ରାଜେଶ, ଉମେଶ ଚନ୍ଦ୍ର ରାଉତ, ନମିତା ଦଣ୍ଡସେନା, ଗୋକୁଳାନନ୍ଦ ପାତ୍ର, ପ୍ରମିୟ ମହାନ୍ତି, ସୁଶାନ୍ତ ମାଝି, ପ୍ରେମରେଖା ଭତ୍ରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶୁଭଶ୍ରୀ ଦଣ୍ଡପାଟ, ବି. ଗୁପ୍ତେଶ୍ୱର ରାଓ, ଜୀମୁତ ନାୟକ, ଅରୁଣ ପାଣ୍ଡ୍ରାକି ସହଯୋଗ କରିଥିଲେ। ଗୌତମ ନାୟକ ଧନ୍ୟବାଦ ଦେଇଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୯।୯ (ନି.ପ୍ର.)- ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ସଦର ପୋଲିସ ଗିରଫ କରିଛି। ସେ ହେଲେ ଆମ୍ବାଗୁଡା ନିକଟସ୍ଥ କୁଟ୍ରା ଗ୍ରାମର ସଦାଶିବ ଭତ୍ରା। ତାଙ୍କ ନାମରେ ସଦର ଥାନାରେ ଅବକାରୀ ମାମଲା ରହିଥିଲା। ସେବେଠାରୁ ସଦାଶିବ ଫେରାର ଥିଲେ। ସେ ଗ୍ରାମରେ ଥିବା ସୂଚନା ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଛି।

# ତଥ୍ୟ ଦେବାକୁ ୨ ବିଡିଓଙ୍କୁ ଲୋକପାଳଙ୍କ ନିର୍ଦ୍ଦେଶ

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ତଥ୍ୟ ପ୍ରଦାନରେ ଅବହେଳା**

ମାଲକାନଗିର, ୯।୯(ସ୍ୱ.ପ୍ର./ଡି.ଏନ୍.ଏ.)

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜାଣିବାକୁ ଚାହୁଁଥିବା କାର୍ଯ୍ୟ ସମ୍ପର୍କରେ ତଥ୍ୟ ମାଗି ନିରାଶ ହେବା ପରେ ଆବେଦନକାରୀ ଲୋକପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକପାଳ ମାମଲାକୁ ଗ୍ରହଣକରି ଆବେଦନକାରୀଙ୍କୁ ଶୀଘ୍ର ତଥ୍ୟ ଯୋଗାଇଦେବାକୁ ମାଲକାନଗିରି ଜିଲାର ୨ଜଣ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖବରରୁ ଜଣାପଡିଛି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଉଡୁପା ପଞ୍ଚାୟତରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଠିକ୍‌ଭାବେ ଯାଞ୍ଚକରି ଜିଲାପାଳଙ୍କ ମାଧମରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଆଇନଜୀବୀ ଅଶୋକ ପଟ୍ଟନାୟକ ମାଥିଲି ଜନ ସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ। ମାଥିଲି ପଞ୍ଚାୟତ ସମିତିକୁ ହାତିରାମ ବିଦ୍ୟାଳୟରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ମଧ ତଥ୍ୟ ମାଗିଥିଲେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ କାର୍ଯ୍ୟରେ ହୋଇଥିବା ଅନିୟମିତତାର ଯାଞ୍ଚ ପାଇଁ ପଟ୍ଟନାୟକ ପଞ୍ଚାୟତରେ ପହଞ୍ଚି ସମ୍ପୃକ୍ତ ଅଧିକାରୀଙ୍କୁ ରେକର୍ଡ ଯାଞ୍ଚ ଲାଗି କହିଥିଲେ। ମାତ୍ର ଗ୍ରାମ ରୋଜଗାର ସେବକଙ୍କ ପାଖରେ ରେକର୍ଡ ରହିଛି। ସେ କାମରେ ବ୍ଲକ ଯାଇଛନ୍ତି କହି ସମ୍ପୃକ୍ତ ଅଧିକାରୀ ରେକର୍ଡଗୁଡିକ ଦେଖାଇ ନ ଥିଲେ। ପରେ ପଟ୍ଟନାୟକ ଲୋକପାଳଙ୍କ ଦ୍ୱାରସ୍ଥ ହୋଇ ଏକ ମାମଲା ରୁଜୁ କରିଥିଲେ। ମାମଲାକୁ ବିଚାର ପାଇଁ ଗ୍ରହଣକରି ଲୋକପାଳ ସୁନାକର ପାଳ ମାଲକାନଗିରି ବିଡିଓ ଓ ମାଥିଲି ବିଡିଓଙ୍କୁ ସମସ୍ତ ନଥିପତ୍ର ଯାଞ୍ଚ ପାଇଁ ପଟ୍ଟନାୟକଙ୍କୁ ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଅବହେଳା କଲେ ଅର୍ଥଦଣ୍ଡ ସହ ଅନ୍ୟାନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରତ୍ୟେକ ଗରିବ ପରିବାରଙ୍କୁ ୧୦୦ ଦିନ କାମ ଦେବାର ବ୍ୟବସ୍ଥା ସହ ଗ୍ରାମର ଉନ୍ନତି ପାଇଁ ବ୍ୟବସ୍ଥା ରହିଛି। ମାତ୍ର ଏଥିରେ ଦୁର୍ନୀତି ଯୋଗୁ ଏହାର ଅର୍ଥ ହିତାଧିକାରୀଙ୍କ ନିକଟକୁ ନ ଯାଇ ବାଟମାରଣା ହୋଇଥିବା ଜଣାପଡ଼ିଛି।



ଅତିଥିମାନେ ବସ୍ ସେବାର ଶୁଭାରମ୍ଭ କରୁଛନ୍ତି।

# ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ବରୁ କାଲିମେଳାକୁ ଗଡ଼ିଲା ବସ୍

ଚିତ୍ରକୋଣ୍ଡା,୯।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଯୋଡାମ୍ବରୁ କାଲିମେଳାକୁ ବସ୍ ସେବା ଶୁକ୍ରବାର ଆରମ୍ଭ ହୋଇଛି। ଫଳରେ ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଚ୍ଛିନ୍ନାଞ୍ଚଳର ୯ଟି ପଞ୍ଚାୟତ ବଡପଡା, ପାପରମେଟେଲା, ରାଲେଗାଡା, ଧୁଳିପୁଟ, ଯୋଡ଼ାମ୍ବ, ପଣଷପୁଟ, ଅଣ୍ଡିରାପାଲି, ଗାଜୁଲୁମାମୁଡି ଓ ଯନ୍ତ୍ରୀପୂର୍ବରୁ ବସ୍ ସେବା ନଥିଲା। ଗୁରୁପ୍ରିୟା ସେତୁ ଉଦଘାଟନ ପରେ ସ୍ୱାଭିମାନ ଅଞ୍ଚଳର ପାପରମେଟେଲା, ଯନ୍ତାପାଇ ସହ ୪ଟି ପଞ୍ଚାୟତର ଅଧିବାସୀ ବସ ସେବା ପାଇଥିଲେ। ମାତ୍ର ଅବଶିଷ୍ଟ ୫ ପଞ୍ଚାୟତ ଯୋଡ଼ାମ୍ବ, ପଣଷପୁଟ, ଯନ୍ତ୍ରୀ, ଅଣ୍ଡିରାପାଲି ଓ ଗାଜୁଲୁମାମୁଡି ପଞ୍ଚାୟତର ଜନସାଧାରଣ ବସ୍ ସେବା ପାଇ ନ ଥିଲେ। ଏନେଇ ସେମାନେ ପ୍ରଶାସନ ନିକଟରେ ଦାବି ଜଣାଇ ଆସୁଥିଲେ। ଶୁକ୍ରବାର ସରକାରଙ୍କ ଅନୁମତିକ୍ରମେ ମାଲକାନଗିରି ଜିଲାପାଳ ବିଶାଲ ସିଂଙ୍କ ନିର୍ଦ୍ଦେଶରେ ଯନ୍ତାପାଇଠାରୁ ଯୋଡ଼ାମ୍ବ ପର୍ଯ୍ୟନ୍ତ ବସ୍ ସେବା ଉଦଘାଟିତ ହୋଇଛି। ଏଣିକି ଲୋକେ ଯୋଡ଼ାମ୍ବ ଠାରୁ କାଲିମେଳାକୁ ବସ ସେବା ପାଇବେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ,ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ତହସିଲଦାର ଟି. ପଦ୍ମନାଭ ଦୋରା, ବିଡ଼ିଓ ରଘୁନାଥ ମୁଣ୍ଡାରୀ ଉପସ୍ଥିତ ଥିଲେ।

# ଶିଶୁ ଯୌନ ନିର୍ଯାତନା, ଉତ୍ପୀଡ଼ନ ନିରାକରଣ ନେଇ ପ୍ରଶିକ୍ଷଣ

କୋରାପୁଟ,୯।୯(ସ୍ୱ.ପ୍ର. )

କୋରାପୁଟ ଜିଲା ପୋଲିସ ମୁଖ୍ୟାଳୟସ୍ଥିତ ସଭାଗୃହରେ ଶିଶୁ ଯୌନ ନିର୍ଯାତନା ଓ ଉତ୍ପୀଡନ ନିରାକରଣ ନେଇ ଦିନିକିଆ ପୋଲିସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଏସ୍‌ପି ବରୁନ ଗୁଣ୍ଟୁପାଲ୍ଲି ଯୋଗଦେଇ କର୍ମଶାଳାରେ ଉପସ୍ଥାପିତ ପ୍ରସଙ୍ଗଗୁଡ଼ିକୁ ଠିକ ରୂପେ ପ୍ରୟୋଗ କରିବା ଲାଗି ପୋଲିସ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ପିକକ ସଂସ୍ଥାର ରାଜ୍ୟ ସଂଯୋଜକ ଚନ୍ଦନ କୁମାର ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ରାଜ୍ୟରେ ବଢି ଚାଲିଥିବା ଶିଶୁ ଯୌନ ନିର୍ଯାତନା ଓ ଉତ୍ପୀଡନର ପରିସଂଖ୍ୟାନ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ତଥା ଜିଲାରେ ଶିଶୁ ଯୌନ ନିର୍ଯାତନା ଓ ଉତ୍ପୀଡନ ରୋକିବା ଦିଗରେ ପୋଲିସର ଭୂମିକା ଓ ପୋକସୋ ଆଇନ ଉପରେ ଆଇନଜୀବୀ ଡକ୍ଟର ଗାୟତ୍ରୀ ଦେବୀ ତର୍ଜମା କରିଥିଲେ। ଜିଲା ଶିଶୁ କଲ୍ୟାଣ ସମିତ ଅଧକ୍ଷ ପ୍ରଭାତ ବିଡିକା ଜୁଭେନାଲ ଜଷ୍ଟିସ ଆକ୍ଟ ସମ୍ପର୍କରେ ଅବତାରଣା କରି ଏ ଦିଗରେ ପୋଲିସର ରହିଥିବା ଭୂମିକା ଉପରେ ମତ ରଖିଥିଲେ। ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟ ଧର୍ମେନ୍ଦ୍ର ଜେନା ଶିଶୁ ଶ୍ରମିକ ଆଇନ ଓ ବାଲ୍ୟ ବିବାହ ନିରୋଧ ଆଇନରେ ପୋଲିସର ଭୂମିକା ନିର୍ଦ୍ଧାରଣ କରିଥିଲେ। ସଦସ୍ୟ ସସ୍ମିତାରାଣୀ ସାହୁ ଦଣ୍ଡ ପ୍ରକ୍ରିୟା ସଂହିତାରେ ଉଲ୍ଲେଖିତ ଦଣ୍ଡ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ପୋଲିସ ଉପାଧକ୍ଷ ଗୁଣନିଧି ମଲ୍ଲିକ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସ୍ପେଶାଲ ଜୁଭେନାଲ ପୋଲିସ ୟୁନିଟ ଅଧକ୍ଷ ତପନ ମହାନନ୍ଦ ସମ୍ମାନିତ ଅତିଥି ରୁପେ ଉପସ୍ଥିତ ଥିଲେ। ଏକତା ଅନୁଷ୍ଠାନର ସଭାପତି ଦୁର୍ଗାପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ନିଗ୍ଧାରାଣୀ ଆପଟ ଧନ୍ୟବାଦ ଦେଇଥିଲେ। ଶଙ୍କର ରାଉତ ଓ ମାମିନା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅଧିକାରୀମାନେ।

## ୧୩ ଶହ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା

ଚିତ୍ରକୋଣ୍ଡା,୯।୯(ଡି.ଏନ.ଏ.)

ଶୁକ୍ରବାର ଯୋଡାମ୍ବରୁ କାଲିମେଳାକୁ ବସ୍ ସେବା ଆରମ୍ଭ ଅବସରରେ ରାଜସ୍ୱ ବିଭାଗ ପକ୍ଷରୁ ସ୍ୱାଭିମାନ ଅଞ୍ଚଳରେ ଏକ ଶିବିର କରାଯାଇ ୧୩ ଶହରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳ, ପଣଷପୁଟ ସରପଞ୍ଚ ଅର୍ଜୁନ ହନ୍ତାଳ, ଗାଜୁଲୁମାମୁଡି ସରପଞ୍ଚ ବଳରାମ ଗଲରି, ପାପରମେଟେଲା ସରପଞ୍ଚ ନରସିଂହ ସିନ୍ଧେରୀ, ରାଲେଗଡା ସରପଞ୍ଚ କମଲୁ ହନ୍ତାଳ, ବଡପଡା ସରପଞ୍ଚ ନିଲୁ ଖିଲ ଏବଂ ଧୁଳିପୁଟ ସରପଞ୍ଚ ଶୁକଦେବ ବୁରୁଡ଼ି ଉପସ୍ଥିତ ଥିଲେ।

## ୧ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ: ୨ ଗିରଫ

କୋରାପୁଟ,୯।୯(ସ୍ୱ.ପ୍ର.)

ଅବକାରୀ ବିଭାଗ କମିଶନର ଆଶିଷ କୁମାର ସିଂଙ୍କ ସୂଚନା ଅନୁଯାୟୀ କୋରାପୁଟ ଅବକାରୀ ବିଭାଗ ଅଧୀକ୍ଷକ ମନୋଜ ସେଠୀଙ୍କ ନିର୍ଦ୍ଦେଶରେ ଜୟପୁର ଓ କୋରାପୁଟ ଅଞ୍ଚଳରେ ଶୁକ୍ରବାର ଗାଡ଼ିମୋଟର ଯାଞ୍ଚକରି ୧ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ କରାଯାଇଛି।



ପାଡୁଆ ଥାନା ଅନ୍ତର୍ଗତ ବାଇଲିଗୁଡ଼ା ରାସ୍ତାରେ ତନଖି ବେଳେ ଏକ କାର୍ (ଡବ୍ଲୁବି ୧୬ ଏକେ- ୫୬୬୮)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୧୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏଥିରେ ସମ୍ପୃକ୍ତ ଡ୍ରାଇଭର ରାମପ୍ରସାଦ ଓ ରାଜେଶ ଗୁପ୍ତାଙ୍କୁ ଗିରଫ କରାଯାଇ ଅଧିକ ପଚରାଉଚରା କରାଯାଉଛି। ସେମାନଙ୍କ ଘର କୋଲକାତାରେ। କାର୍‌ଟି ପାଡୁଆରୁ ଗଞ୍ଜେଇ ଧରି ଆନ୍ଧ୍ର ଦେଇ କୋଲକାତା ଯାଉଥିବା ଅବକାରୀ ଅଧୀକ୍ଷକ ସେଠୀ କହିଛନ୍ତି।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା

ଜୟପୁର, ୯।୯ (ନି.ପ୍ର.)

ଜୟପୁର ଯୁବ ସଙ୍ଗଠନ ବିଭିନ୍ନ ଦାବି ନେଇ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲା। ସୁକିଆଗୁଡାକୁ ମୌଳିକ ସୁବିଧା ଯୋଗାଇବା ଦାବିରେ ସଙ୍ଗଠନର ଆବାହକ ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ଧାରଣା ଦେଇଥିଲେ। ସୁକୁଆଗୁଡା ଗ୍ରାମରେ ରାସ୍ତା, ପାନୀୟ ଜଳ ଶୌଚାଳୟ ଆଦି କୌଣସି ବ୍ୟବସ୍ଥା ନାହିଁ। ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ କିଛି ସୁଫଳ ମିଳୁନାହିଁ। ରାସ୍ତା ନ ଥିବାରୁ ଗ୍ରାମବାସୀ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାରଣା ସ୍ଥଳକୁ ବିଡିଓ ସୁରଜ ପଟ୍ଟନାୟକ ଆସି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଆଇନ ସଚେତନତା ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

ଜୟପୁର,୯।୯ (ନି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶୁକ୍ରବାର ଜୟପୁର ବିଦ୍ୱାନ ସାଇନ୍ସ କଲେଜରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଓ ସାଇବର କ୍ରାଇମ ବିଷୟକୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ତଥା ଲୋକ ଅଦାଲତ ବିଚାରପତି ସୁମନ ଜେନା, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ଆଦର୍ଶ ବେହେରା ଏବଂ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ସୋସିଆଲ ପ୍ଲାଟ୍‌ଫର୍ମ ଓ ସାଇବର ଅଫିସର ଶ୍ରୀକାନ୍ତ ହେମ୍ବ୍ରମ ଏବଂ ମହାବିଦ୍ୟାଳୟ ଅଧକ୍ଷ ରବିନାରାୟଣ ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ। ବର୍ତ୍ତମାନର କେତେକ ଯୁବବର୍ଗ ଛାତ୍ରୀଛାତ୍ର ସୋସିଆ ମିଡିଆରେ ନିଜକୁ ଜଡ଼ିତ କରୁଛନ୍ତି। ବିଭିନ୍ନ ଆପରାଧିକ ମାମଲାରେ ଫସିଯାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ଆର୍ଥିକ ଠକାମିର ମଧ ଶିକାର ହେଉଛନ୍ତି। ଏହିସବୁ କାର୍ଯ୍ୟରୁ ନିବୃତ୍ତ ରହି ପାଠପଢ଼ାରେ ମନୋନିବେଶ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

## କୁକୁଡ଼ା, ତେଲ ଖର୍ଚ୍ଚ ଦେଲେନି
# ୨ ମାସରୁ ଉର୍ଦ୍ଧ୍ୱ ଅନ୍ଧାରରେ ୬ ଗାଁ

ମାଲକାନଗିରି, ୮।୯(ଡି.ଏନ୍.ଏ.)

ଗ୍ରାମରୁ ସହର ପର୍ଯ୍ୟନ୍ତ ସମସ୍ତେ ଯେପରି ସରକାରୀ ଯୋଜନାରୁ ସୁଫଳ ପାଇବେ ସେନେଇ ରାଜ୍ୟ ସରକାର ବିଭିନ୍ନ ବିଭାଗକୁ ଦାୟିତ୍ୱ ଦେଇ ଏହାର ତଦାରଖ କରୁଛନ୍ତି। ଏହା ସତ୍ତ୍ୱେ କେତେଜଣ ଅସାଧୁ କର୍ମଚାରୀଙ୍କ ଅର୍ଥ ଲୋଭ ପାଇଁ ଲୋକେ ଯୋଜନାରୁ ସୁଫଳ ପାଇପାରୁନାହାନ୍ତି। କର୍ମଚାରୀଙ୍କୁ କୁକୁଡ଼ା ଓ ତେଲ ଖର୍ଚ୍ଚ ଦେଇ ନ ପାରିବାରୁ ୬ଟି ଗ୍ରାମର ଗ୍ରାମବାସୀ ୨ମାସରୁ ଉର୍ଦ୍ଧ୍ୱ ହେଲା ଅନ୍ଧାରରେ ରହୁଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଚିତ୍ରାଙ୍ଗପାଲି ପଞ୍ଚାୟତରେ। ନିୟମ ଅନୁଯାୟୀ ଲୋକଙ୍କୁ ସେବା ଯୋଗାଇ ଦେଉଥିବା ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀ ନିୟମିତ ଦରମା ପାଇଥାନ୍ତି। ଚିତ୍ରାଙ୍ଗପାଲି ପଞ୍ଚାୟତରେ କୌଣସି କାରଣରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ବିଦ୍ୟୁତ୍ ସଂଯୋଗ ଦେବା ଲାଗି ପଞ୍ଚାୟତବାସୀ ଅନୁରୋଧ କଲେ ସେମାନେ ଶୁଣୁନାହାନ୍ତି। ଏଥିପାଇଁ କୁକୁଡ଼ା ଓ ବାଟଖର୍ଚ୍ଚ ଦାବି କରୁଛନ୍ତି। ପଞ୍ଚାୟତବାସୀ ଏହା ଦେଇପାରୁ ନ ଥିବାରୁ ପଞ୍ଚାୟତର ଓରେଲଗୁଡ଼ା, ଟଙ୍ଗଗୁଡ଼ା, ଗୁମକାଗୁଡ଼ା, କେସକାଗୁଡ଼ା, ଏନ୍ତାଗୁଡ଼ା ସମେତ ୬ଟି ଗ୍ରାମ ୨ମାସରୁ ଉର୍ଦ୍ଧ୍ୱ ହେଲା ଅନ୍ଧାରରେ ରହିଛି। ଫଳରେ ଅନ୍ଧାରରେ ଗ୍ରାମବାସୀ ଅସୁବିଧାରେ ଚଳୁଛନ୍ତି। ପିଲାମାନେ ଡିବିରି ଆଲୁଅରେ ପାଠ ପଢୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ବିଦ୍ୟୁତ୍ ନ ଥିବାରୁ ରୋଗୀମାନେ ମଧ କଷ୍ଟ ପାଉଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗ ଅଧିକାରୀ ପି.କେ. ନାୟକଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବେ। ଏଥିସହ ଉପରୋକ୍ତ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ପାଇଁ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

# ୬୪ କେଜି ଗଞ୍ଜେଇ ଜବତ, ୨ ଗିରଫ

ପଦ୍ମପୁର,୯।୯(ଡି.ଏନ୍.ଏ.)



ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ।

ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଗୁରୁବାର ୬୪ କେଜି ଗଞ୍ଜେଇ ଜବତ କରିବା ସହ ୨ ସମ୍ପୃକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ମନୋରଞ୍ଜନ ସାହୁ(୩୨) ଏବଂ ରାଜା ଦଉ(୨୨)। ସେମାନଙ୍କ ନିକଟରୁ ୧୬ଶହ ଟଙ୍କା ଏବଂ ମୋବାଇଲ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ପଦ୍ମପୁର ଥାନା ଓ କେନ୍ଦୁଗୁଡ଼ା ଫାଣ୍ଡି ପୋଲିସ ପଦ୍ମପୁର ପାଖ ୧୭ ନମ୍ବର ଜାତୀୟ ରାଜପଥ ଡୁମୁଳାପଦର ନିକଟରେ ପାଟ୍ରେଲିଂ କରୁଥିବାବେଳେ ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ ପାଇଁ ଅପେକ୍ଷା କରିଥିବା ଦୁଇ ବ୍ୟକ୍ତିଙ୍କୁ ସନ୍ଦେହରେ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେମାନଙ୍କ ନିକଟରୁ ଗଞ୍ଜେଇ ବାହାରିଥିଲା। ପୋଲିସ ଗଞ୍ଜେଇ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୩ ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ସେମାନେ ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ଅନ୍ତରଭା ଗ୍ରାମର ସଚିତ ରଇତଙ୍କ ଠାରୁ ଗଞ୍ଜେଇ ଆଣିଥିବା ପ୍ରକଶ କରିଛନ୍ତି। ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଛି। ଏ ନେଇ ପଦ୍ମପୁର ଥାନାରେ ୯୯/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପଦ୍ମପୁର ଥାନା ଅଧିକାରୀ ସୈଦାମିନୀ ବେହେରା ଓ କେନ୍ଦୁଗୁଡା ଏସ୍‌ଆଇ ଅରୁଣ କୁମାର ପାତ୍ର ସୂଚନା ଦେଇଛନ୍ତି।

# ବଜାର ବ୍ୟବସ୍ଥା ନାହିଁ, ତେଲ ବିକିବା ଚିନ୍ତାରେ ଚାଷୀ

**ଓଟିଇଏଲପି ପକ୍ଷରୁ ହୋଇଥିଲା ଲେମନ ଘାସ ଚାଷ**

ମାଥିଲି,୯।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଅନ୍ତର୍ଗତ ମଥିଲି ବ୍ଲକର କର୍ତନପଲି ଗ୍ରାମରେ ଓଟିଇଏଲପି ପକ୍ଷରୁ ଲେମନ ଘାସ ଚାଷ କରାଯାଇଛି। ମାତ୍ର ଏହି ଚାଷରୁ ଉତ୍ପାଦିତ ତେଲର ଅଭାବି ବିକ୍ରିର ଶିକାର ହୋଇଛନ୍ତି ଚାଷୀ। ଏହି ଗ୍ରାମରେ ଚାଷୀ ଚୟନ କରାଯାଇ ୨୦୨୧ରେ ୪ ହେକ୍ଟର ଜମିରେ ଲେମନ ଘାସ ଚାଷ କରାଯାଇଥିଲା। ଚାଷୀମାନେ ମଧ ଉତ୍ସାହିତ ହୋଇ ଚାଷ କରିଥିଲେ। ଏହି ଚାଷ ପାଇଁ ଏମ୍‌ଜିଏନଆରଇଜିଏସରେ ୧୨ଲକ୍ଷ ୧୭ହଜାର ୧୯୩ ଟଙ୍କା ଅଟକଳ କରାଯାଇ ଏହି ଅର୍ଥ ବ୍ୟୟ କରି ବିଭିନ୍ନ ଚାଷୀଙ୍କ ଜମିରେ ଲେମନ ଗ୍ରାସ ଚାଷ କାରାଯାଇଥିଲା। ଏହି ଘାସରୁ ତେଲ ବାହାର କରିବା ନିମନ୍ତେ ଓଡ଼ିଶା ଆଗ୍ରୋ ପକ୍ଷରୁ ୮ଲକ୍ଷ ୬୫ହଜାର ୧୧୭ ଟଙ୍କାରେ ଏକ ମେଶିନ ଲଗାଯାଇଛି। ଏହି ମେଶିନ କିପରି ଚାଲିବ ଏବଂ ତେଲ ବାହାରିବା ସମ୍ପର୍କରେ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଚାଷକରିବା ଏବଂ ତେଲ ବାହାର କରିବା ପ୍ରକ୍ରିୟା ସବୁ ଠିକ ଥିବା ବେଳେ ଏବେ ବିକ୍ରି ବ୍ୟବସ୍ଥା ନେଇ ଚାଷୀ ଅଡୁଆରେ ପଡିଛନ୍ତି। ଏହି ତେଲ ଲିଟର ପିଛା ୨ହଜାର ଟଙ୍କାରେ ବିକ୍ରି ହେବ ବୋଲି କୁହାଯାଉଥିଲା। ଆରମ୍ଭରୁ ଜଣେ ଆସି ଲିଟର ପିଛା ୧୫ଶହ ଟଙ୍କାରେ ତେଲ ନେଉଥିଲେ। ଏବେ ଆଉ ତେଲ କିଣିବାକୁ କେହି ଆସୁନାହାନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ ଜୟସିଙ୍ଗ ଭୂମିଆଙ୍କ ନିକଟରେ ୨୮ ଲିଟର, ପତି ଭୂମିଆଙ୍କ ନିକଟରେ ୨୮ ଲିଟର, ଦେବ ଭୂମିଆଙ୍କ ନିକଟରେ ୧୪ ଲିଟର ତେଲ ଗଚ୍ଛିତ ରହିଛି। ଏହି ତେଲ ଉଚିତ ମୂଲ୍ୟରେ ବିକ୍ରି ବ୍ୟବସ୍ଥା କରିବା ଲାଗି ଚାଷୀ ଦାବି କରିଛନ୍ତି। ଏ ସମ୍ପର୍କରେ ଓଟିଇଏଲପି ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ମେହେରଙ୍କୁ ପଚାରିବାରୁ ସେ କହିଲେ ଯେ, ଏହି ପ୍ରକଳ୍ପ କାର୍ଯ୍ୟ ମାଥିଲି ବିଡିଓଙ୍କୁ ହସ୍ତାନ୍ତର କରାଯାଇଥିଲା। ଏବେ ମାଥିଲି ବ୍ଲକ ପକ୍ଷରୁ ପ୍ରକଳ୍ପ ପରିଚାଳନା କରାଯାଉଛି। ବ୍ଲକ କର୍ତ୍ତୃପକ୍ଷ ଯାହା ପଦକ୍ଷେପ ନେଇପାରିବେ। ଏ ସମ୍ପର୍କରେ ମାଥିଲି ବିଡିଓ ଆଶିଷ ଭୋଇଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ନିର୍ମାଣାଧୀନ ମାଡକାର ବ୍ରିଜ୍, ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ

**ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କୋଟିଆ ଗସ୍ତ**

ପଟ୍ଟାଙ୍ଗୀ,୯।୯(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତକୁ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇସ୍ୱାର ଶୁକ୍ରବାର କୋଟିଆ ଗସ୍ତ କରିଛନ୍ତି। ଏହି ଅବସରରେ ସେ ନିର୍ମାଣାଧୀନ ମାଡକାରସ୍ଥିତ ବ୍ରିଜ୍, ଦେଓମାଳିରେ ପର୍ଯ୍ୟଟକଙ୍କ ପାଇଁ ନିର୍ମାଣାଧୀନ ବିଭିନ୍ନ ଆଶ୍ରୟ ସ୍ଥଳୀ ଓ ଟାୱାର କାର୍ଯ୍ୟର ତଦାରଖ କରିଛନ୍ତି। ପରେ ଇସ୍ୱାର ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ପାଠପଢ଼ା, ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପସ୍ଥିତି ସମ୍ପର୍କରେ ବିଡ଼ିଓ ସୌମ୍ୟସାର୍ଥକ ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟ କିପରି ହଷ୍ଟେଲ ବ୍ୟବସ୍ଥା ହୋଇପାରିବ ସେ ନେଇ ମଧ ପଚାରି ବୁଝିଥିଲେ । ସେଠାରୁ ତଳଗଞ୍ଜେଇ ପଦର ଗ୍ରାମ ନିକଟସ୍ଥ ପାହାଡ଼ରେ ଚାଲିଥିବା ଝାଡୁ ଲଗା କାର୍ଯ୍ୟକ୍ରମ ତଦାରଖ କରି ଥିଲେ। ପଞ୍ଚାୟତର ମହିଳାଙ୍କ ପାଇଁ ନିର୍ମାଣ ହୋଇଥିବା ଓଏଲଏମ୍ ବୈଠକ ଗୃହରେ ଉପସ୍ଥିତ ମହିଳାଙ୍କ ସହ ଓଏଲଏମ୍ ପକ୍ଷରୁ କି ପ୍ରକାର ସହଯୋଗ ପାଉଛ, ଝାଡୁକୁ ନେଇ ବଜାର ବ୍ୟବସ୍ଥା ଏବଂ ରୋଜଗାର କିପରି ହେଉଛି ପଚାରି ବୁଝିଥିଲେ। ଏହି ମହିଳାମାନେ ସରକାରୀ ଯୋଜନାରେ କିପରି ସମ୍ପୃକ୍ତ ହୋଇ ପାରିବେ ଅଧିକ ଉପକୃତ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଇସ୍ୱାର ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଗତବର୍ଷ ବର୍ଷାରେ ଧୋଇ ହୋଇ ଯାଇଥିବା ବ୍ରିଜ ନିକଟରେ ପହଞ୍ଚି ଚାଲିଥିବା ନିର୍ମାଣ କାର୍ଯ୍ୟ ତଦାରଖ କରି ଏହାକୁ ଶୀଘ୍ର ସାରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଜିଲା ପରିଷଦ କାର୍ଯ୍ୟାଳୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଇସ୍ୱାର ଗତ ୫ ତାରିଖରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ତାଙ୍କର ପ୍ରଥମ କୋଟିଆ ଗସ୍ତ ଥିଲା। ଏହି ସମୟରେ କନିଷ୍ଠଯନ୍ତ୍ରୀ ଅଜୟ ରାମ ତରାଇ ଏବଂ ଏପିଓ ସୌମନ୍ଦ୍ର ନାୟକ ଉପସ୍ଥିତ ଥିଲେ।



ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଇସ୍ୱାର ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ଶହୀଦ ଯାଶୁଦାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**

କୋରାପୁଟ,(ସ୍ୱ.ପ୍ର.)- କୋରାପୁଟ ପୌର ପରିଷଦ ପକ୍ଷରୁ ନିର୍ମିତ ଶହୀଦ ଯାଶୁଦାନ ଖୋସଲା ମିନି ପାର୍କ ଓ ଶହୀଦ ଯାଶୁଦାନଙ୍କ ପ୍ରତିମୂର୍ତ୍ତି ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବିଧାୟକ ରଘୁରାମ ପଡାଲ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଉପାଧକ୍ଷା ସବିତା ପଣ୍ଡା, କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ, ବ୍ଲକ ଅଧକ୍ଷା ନମିତା ମାଝି, କାଉନସିଲର, ଶହୀଦଙ୍କ ଭାଇ ବ୍ରଜାନନ୍ଦ ଖୋସଲା ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରଥମ ଶହୀଦ ତାଙ୍କ ଭାଇ ଯାଶୁଦାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିବାରୁ ପରିବାର ବର୍ଗ ଗର୍ବିତ ବୋଲି ଏହି ଅବସରରେ ବ୍ରଜାନନ୍ଦ କହିଥିଲେ।

## ସଂକ୍ଷେପରେ

### ଡକ୍ଟର ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧଦିବସ

ନବରଙ୍ଗପୁର,୯।୯(ବି.ପ୍ର.)- ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ଦିବସ ନବରଙ୍ଗପୁର ଜିଲା ପ୍ରଶାସନ ଓ ପୌରପାଳିକା ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ପାର୍କରେ ଥିବା ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ ରାଉତ, ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ, ସଦାଶିବ ତ୍ରିପାଠୀଙ୍କ ଦାୟଦ କେଦାର ତ୍ରିପାଠୀ, ଡକ୍ଟର ବିଜୟ କୁମାର ମିଶ୍ର, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସହରର ବରିଷ୍ଠ ନାଗରିକ ପ୍ରମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ପୌରପାଳିକା କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ସଦାଶିବ ତ୍ରିପାଠୀଙ୍କ ତ୍ୟାଗ ଓ ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୌରପାଳିକାର ସମସ୍ତ କାଉନସିଲର, କର୍ମଚାରୀ ସହଯୋଗ କରିଥିଲେ।

### 'କିସ୍'କୁ ଅଭିନନ୍ଦନ ଜଣାଇଲା ଅଭିଭାବକ ସଂଘ



ଉମରକୋଟ, ୯।୯(ସ୍ୱ.ପ୍ର.)- ଜାତିସଂଘ ପକ୍ଷରୁ କିସ୍‌କୁ ବିଶ୍ୱସ୍ତରରେ ସର୍ବଶ୍ରେଷ୍ଠ ଶିକ୍ଷା ସମ୍ମାନ ୟୁନେସ୍କୋ ଇଣ୍ଟରନ୍ୟାଶନାଲ ଲିଟେରାସି ପୁରସ୍କାର-୨୦୨୨ ମିଳିବାପରେ ନବରଙ୍ଗପୁର ଜିଲାରୁ କିସ୍‌ରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉମରକୋଟ ବ୍ଲକ ପରିସରରେ ଥିବା ମିଟିଂ ହଲ୍‌ରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସେହିଭଳି ଡାବୁଗାଁରେ ମଧ ଏକ ସଭାର ଆୟୋଜନ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମନୋଜ ଧଳ, ରାଜମୋହନ ଭତ୍ରା, ବଳରାମ ମାଝିଙ୍କ ବ୍ୟତୀତ ଅନେକ ଅଭିଭାବକ ଉପସ୍ଥିତ ଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତାଙ୍କୁ ଧନ୍ୟବାଦ ଜଣାଇ ଦୀର୍ଘାୟୁ କାମନା କରିଥିଲେ।

### ବୃତ୍ତି ପରୀକ୍ଷା ଦେଲେ ଛାତ୍ରୀଛାତ୍ର

ଉମରକୋଟ, ୯।୯(ସ୍ୱ.ପ୍ର.)- ଉମରକୋଟ ବ୍ଲକରେ ଗୁରୁବାର ତୃତୀୟ ଓ ପଞ୍ଚମ ଶ୍ରେଣୀ ନିମନ୍ତେ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ତିନୋଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ହୋଇଥିବା କେନ୍ଦ୍ରରେ ତୃତୀୟ ଶ୍ରେଣୀରେ ୯୪ ଓ ପଞ୍ଚମ ଶ୍ରେଣୀ ରେ ୫୪ ଜଣ ପରୀକ୍ଷା ଦେଇଥିଲେ। କେନ୍ଦ୍ର ନିରୀକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ପରୀକ୍ଷା ପରିଚାଳନା କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁସୁମଗୁଡ଼ାରେ ତୃତୀୟ ଶ୍ରେଣୀରେ ୯୨ ଓ ପଞ୍ଚମ ଶ୍ରେଣୀରେ ୬୩ ଜଣ ପରୀକ୍ଷା ଦେଇଥିଲେ। କେନ୍ଦ୍ର ନିରୀକ୍ଷକ ତ୍ରିପତି ପଟ୍ଟନାୟକ ପରିଚାଳନା କରିଥିଲେ। ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କେନ୍ଦ୍ର ନିରୀକ୍ଷକ ଆଶୋକ କୁମାର ସାହୁ ପରୀକ୍ଷା ପରିଚାଳନା କରିଥିଲେ। ଏଠାରେ ତୃତୀୟ ଶ୍ରେଣୀରେ ୯୪ ଓ ପଞ୍ଚମ ଶ୍ରେଣୀରେ ୬୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବିଇଓ ବିକାଶ ଚନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଏବିଇଓ ପୁରୁଷୋତ୍ତମ ମାଝି, ରମେଶ ରାୟ ଓ ଅରୁଣ କୁମାର ବେହେରା ସହଯୋଗ କରିଥିଲେ।

# କଫିନ୍ ରଖି ଟାୟାର ଜାଳି ରାସ୍ତାରୋକୋ

ଉମରକୋଟ, ୯।୯(ସ୍ୱ.ପ୍ର.)



ବର୍ଷେ ହେଲାଣି ଶ୍ମଶାନ ପାଇଁ ଜାଗା ଦାବିକରି ଆସୁଥିଲେ ଅଣହିନ୍ଦୁ ସମ୍ପ୍ରଦାୟ ଲୋକେ। କିନ୍ତୁ ଏହାର କୌଣସି ସୁଫଳ ମିଳି ନ ଥିଲା। ଏହା ମଧ୍ୟରେ ଶୁକ୍ରବାର ଉକ୍ତ ସମ୍ପ୍ରଦାୟର ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ତିମ ସତ୍କାର ପାଇଁ ଜାଗା ନ ମିଳିବାରୁ ସେମାନେ ଉତ୍ତ୍ୟକ୍ତ ହୋଇ କଫିନ୍ ରଖି ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସେମାନଙ୍କୁ ଏକଟାଗୁଡ଼ାରେ ଶ୍ମଶାନ ପାଇଁ ସ୍ଥାନ ଦିଆଯିବା ପରେ ସେଠାରେ ମୃତଦେହ ସତ୍କାର କରାଯାଇଥିଲା। କିନ୍ତୁ ଏକଟାଗୁଡ଼ାବାସୀ ସେଠାରେ ମୃତଦେହ ସତ୍କାରକୁ ଏହାକୁ ବିରୋଧ କରି ରାତି ପ୍ରାୟ ୯.୩୦ରେ ଉମରକୋଟ-ନବରଙ୍ଗପୁର ମୁଖ୍ୟ ରାସ୍ତାର ଡିଏନ୍‌କେ ଛକ ଅବରୋଧ କରିଛନ୍ତି। ଖବର ଲେଖା ଯିବା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ସେଠାରେ ପହଞ୍ଚି ନାହାନ୍ତି।

ଅଣହିନ୍ଦୁ ସମ୍ପ୍ରଦାୟର ପୁଷ୍ପାଞ୍ଜଳି ବାଘ(୨୦)ଙ୍କର ଶୁକ୍ରବାର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୃତଦେହ ନେଇ ହିନ୍ଦୁ ଶ୍ମଶାନ ନିକଟରେ କବର ଦେବାକୁ ଯାଇଥିଲେ। କିନ୍ତୁ ସେଠାରେ ସେମାନଙ୍କୁ ବିରୋଧ କରାଯାଇଥିବାରୁ କବର ନ ଦେଇ ଫେରି ଆସିଥିଲେ। ଘଟଣାର ସମାଧାନ ପାଇଁ ୨ ଗୋଷ୍ଠୀ ଉମରକୋଟ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ସହର ନିକଟସ୍ଥ ଏକଟାଗୁଡାରେ ଶ୍ମଶାନ ପାଇଁ ଜାଗା ଦେବାକୁ କହିଥିଲେ। କିନ୍ତୁ ଏହି ସ୍ଥାନ ବହୁତ ଦୂର ହୋଇଥିବାରୁ ସାହି ନିକଟରେ ଏକ ଜାଗା ଦେବାକୁ ପାଇଁ ଜିଦ ଧରିଥିଲେ। ପ୍ରଶାସନ ଅରାଜି ହେବାରୁ ପୀଡ଼ିତ ସମ୍ପ୍ରଦାୟ ଲୋକେ ଉତ୍ତ୍ୟକ୍ତ ହୋଇ କଫିନ୍ ରଖି ଟାୟାର ଜାଳି ଡଙ୍ଗରିସାହି ନିକଟରେ ୩୯ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉମରକୋଟ-ଛତିଶଗଡ଼ କୋଣ୍ଡାଗାଁ ମଧ୍ୟରେ ଯାନବାହନ ଚଳାଚଳ ବନ୍ଦ ଥିଲା। ଖବରପାଇ ଉମରକୋଟ ତହସିଲଦାର ଏନ୍.ଜଗଜୀବନ ଚୌଧୁରୀ, ଥାନାଧିକାରୀ ଦୀପକ କୁମାର ଜେନା, ସବ୍‌ଇନ୍ସପେକ୍ଟର ଖଗେଶ୍ୱର ଖୋସଲା, ନିଲିମା ପାଣିଗ୍ରାହୀ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଏକଟାଗୁଡାରେ ହିଁ ଶ୍ମଶାନ ତିଆରି ପାଇଁ ସେମାନେ ସହମତି ପ୍ରକାଶ କରିଥିଲେ। ତହସିଲଦାର, ଅତିରିକ୍ତ ତହସିଲଦାର, ଆର୍‌ଆଇ ଶିବାନନ୍ଦ ରାଉତ, ଥାନାଧିକାରୀ, ସବଇନ୍ସପେକ୍ଟର ଏକଟାଗୁଡ଼ା ଯାଇ ଜେସିବି ଲଗାଇ ସରକାରୀ ଜାଗାକୁ ସମତୁଲ କରାଇଥିଲେ। ସେଠାରେ ପ୍ରଶାସନ ସହଯୋଗରେ ଯୁବତୀଙ୍କ ମୃତଦେହ ସତ୍କାର କରାଯାଇଥିଲା। କିନ୍ତୁ ଏକତଗୁଡ଼ାବାସୀ ଏହାକୁ ବିରୋଧ କରି ରାତିରେ ରାସ୍ତାରୋକୋ କରିଛନ୍ତି।

# ଦେଢ଼ମାସ ହେବ ଗାଁରେ ମିଳୁନି ପାନୀୟ ଜଳ

ନନ୍ଦାହାଣ୍ଡି, ୯।୯(ଡି.ଏନ୍.ଏ.)

ସରକାର ପିଇବା ପାଣି ଯୋଗାଇଦେବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ସଫଳ ହେଉନାହିଁ। ସମସ୍ତଙ୍କୁ ଶୁଦ୍ଧ ପାନୀୟ ଜଳ ମିଳିପାରୁନାହିଁ। ଅନେକ ସ୍ଥାନରେ ପ୍ରକଳ୍ପ ଅଛି। କିନ୍ତୁ ନିମ୍ନମାନର କାମ ଯୋଗୁ ତାହା ଖରାପ ହୋଇଯାଉଛି। ଏହାର ମରାମତି ପାଇଁ ବାରମ୍ବାର ଦାବିକଲେ ମଧ କୌଣସି ସୁଫଳ ମିଳୁନାହିଁ। ଏପରି ଘଟଣା ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ମେଣ୍ଟ୍ରି ପଞ୍ଚାୟତର ବରାଗାଁ ଗ୍ରାମରେ ଦେଖିବାକୁ ମିଳିଛି।

୨୦୧୧ ଜନଗଣନା ଅନୁସାରେ ଏହି ଗ୍ରାମରେ ମୋଟ ୯୩୭ ଜଣ ରୁହନ୍ତି। ସେଠାରେ ଥିବା କିଛି ବୋର୍‌ୱେଲ ଖରାପ ହୋଇଛି। ଏଥିସହ ପମ୍ପ ହାଉସର ପମ୍ପ ଖରାପ ହୋଇ ଦେଢ଼ମାସ ବିତିଗଲାଣି। ଅଭିଯୋଗ କଲେ ବି କେହି ଶୁଣିବାକୁ ନାହାନ୍ତି। ଯନ୍ତ୍ରୀଙ୍କଠାରୁ ଆରମ୍ଭକରି ବିଡିଓଙ୍କୁ ଗୁହାରିକଲେ ମଧ ଅସୁବିଧାର ସମାଧାନ ହୋଇପାରୁ ନାହିଁ। ଉକ୍ତ ପାଣିଟାଙ୍କି ଉପରେ ପଞ୍ଚାୟତର ୧୦ନମ୍ବର ଓ ୧୧ ନମ୍ବର ୱାର୍ଡର ପ୍ରାୟ ୭ ଶହ ଲୋକ ନିର୍ଭର କରନ୍ତି। କିନ୍ତୁ ଏତେଦିନ ଖରାପ ହୋଇ ପଡ଼ିବା ପରେ ବାରମ୍ବାର ଏ ବିଷୟରେ ଜଣାଇଲେ ମଧ କିଛି ସୁଫଳ ମିଳୁ ନ ଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଉକ୍ତ ଗ୍ରାମର ଲୋକେ ପିଇବା ପାଣି ପାଇଁ ୧ କିଲୋମିଟର ଦୂରରେ ଥିବା ସିରାଗୁଡ଼ା ଗ୍ରାମକୁ ଆସି ପାଣି ନେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନନ୍ଦାହାଣ୍ଡି ଭାରପ୍ରାପ୍ତ ବିଡିଓ ପ୍ରଫୁଲ୍ଲ କହଁରଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ମରାମତି କାମ ଚାଲିଛି। ଅତିଶୀଘ୍ର ଲୋକଙ୍କୁ ପାଣି ଯୋଗାଣ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ବିଭାଗୀୟ ଯନ୍ତ୍ରୀ କହିଛନ୍ତି।

# ଲାୟନ୍ସ କ୍ଲବର ସଂସ୍ଥାପନା, ଶପଥ ଗ୍ରହଣ ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ନବରଙ୍ଗପୁର,୯।୯(ବି.ପ୍ର.)

ନବରଙ୍ଗପୁରସ୍ଥିତ ହୋଟେଲ ତୃପ୍ତି ସମ୍ମିଳନୀ କକ୍ଷରେ ନବରଙ୍ଗପୁର, ନନ୍ଦାହାଣ୍ଡି ଲାୟନ୍ସ କ୍ଲବ୍ ଓ ନବରଙ୍ଗପୁର କ୍ଲାସିକ କ୍ଲବର ମିଳିତ ଆନୁକୁଲ୍ୟରେ ଏକ ସଂସ୍ଥାପନା ଓ ଶପଥଗ୍ରହଣ ଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଭଡିଜି କୋଟେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଭଡିଜି ଲାୟନ୍ ସୁରେଶ ଚନ୍ଦ୍ର ପାଢ଼ି, ଭିଡିଜି ଲାୟନ ହରିହର ଦାସ, ଭିଡିଜି ଲାୟନ ସରସ୍ୱତୀ ପାତ୍ର ଜୋନ ଚେୟାରମ୍ୟାନ ଲାୟନ ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଲାୟନ ସୁରେଶ ଚନ୍ଦ୍ର ପାଢି ତିନୋଟି କ୍ଲବର ନବ ନିର୍ବାଚିତ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ନୂତନ ଭାବେ କ୍ଲବର ସଦସ୍ୟତା ଗ୍ରହଣ କରିଥିବା ସମସ୍ତ ସଭ୍ୟାସଭ୍ୟଙ୍କୁ ଶପଥ ପାଠ କରାଇବା ସହ କ୍ଲବର ପୂର୍ବ କାର୍ଯ୍ୟକ୍ରମ ସହ ନିଜର କ୍ଲବ ପ୍ରତି ଦାୟିତ୍ୱ ଓ କାର୍ଯ୍ୟାବଳୀ ସମ୍ପର୍କରେ ଲାୟନ୍ ହରିହର ଦାସ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲାୟନ ପି.ଏଲ. ମୂର୍ତ୍ତି, ଲାୟନ ଶେଖର, ଲାୟନ ଶ୍ରୀକାନ୍ତ ମହାନ୍ତି, ଲାୟନ ଅଖିଳ କୁମାର ଭଞ୍ଜ ପ୍ରମୁଖ ସହଯୋଗ କରିଥିବାବେଳେ ତିନି ଅନୁଷ୍ଠାନର ସମସ୍ତ ସଭ୍ୟାସଭ୍ୟ ଯୋଗଦେଇଥିଲେ। ୟନ୍ସ କ୍ଲବ ସଭାପତି ତଥା ବରିଷ୍ଠ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର କାର୍ଯ୍ୟକ୍ରମ ରେ ପୌରହିତ୍ୟ କରିଥିବାବେଳେ ଡାକ୍ତର କେ. ଧନୁର୍ଜୟ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ ଭୁବନେଶ୍ୱର ସୁର ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଟେରୁ ନଦୀରେ ଡଙ୍ଗା ବୁଡ଼ି ଜଣେ ନିଖୋଜ

ମାଲକାନଗିରି/ଏମ୍‌ଭି ୭୯/ପଡିଆ, ୯।୯(ଡି.ଏନ.ଏ.)

**ଡଙ୍ଗାରେ ଥିଲେ ୧୫ ଯାତ୍ରୀ**

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଶିମିଳିବାଞ୍ଚା ପଞ୍ଚାୟତ ଅନ୍ତର୍ଗତ ପୁଟୁମପାଲି ଗ୍ରାମ ନିକଟ ପୋଟେରୁ ନଦୀରେ ଶୁକ୍ରବାର ସନ୍ଧ୍ୟାରେ ଡଙ୍ଗା ବୁଡ଼ି ଜଣେ ବ୍ୟକ୍ତି ନିଖୋଜ ହୋଇଯାଇଛନ୍ତି। ସେ ବିଏମ୍‌ଏସ୍ କମ୍ପାନୀରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା କୈଳାସ ସାହୁ ବୋଲି ଜଣାପଡିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି।

ଖବରରୁ ଜଣାପଡିଛି, ସନ୍ଧ୍ୟା ପ୍ରାୟ ୬ଟା ବେଳେ ପୁଟୁମପାଲି ଗ୍ରାମ ନିକଟରେ ଥିବା ଡଙ୍ଗାଘାଟ ପେଣ୍ଟୁଲବାଇ ଗ୍ରାମ ଆଡୁ ପ୍ରାୟ ଡଙ୍ଗାଚାଳକ ୧୪ ଜଣ ଯାତ୍ରୀ ଓ ୩ ବାଇକ୍ ଧରି ଏକ ଦେଶୀ ଡଙ୍ଗାରେ ନଦୀପାର ହେଉଥିଲେ। ନଦୀ ମଝିରେ ଡଙ୍ଗାର ମୋଟର ଚାଲୁ ରହିଥିଲେ ସୁଦ୍ଧା ପଙ୍ଖା ବନ୍ଦ ହୋଇଯିବାରୁ ଡଙ୍ଗାଟି ସ୍ରୋତରେ ଭାସିଯାଇ ଏକ ପଥରରେ ପିଟିହୋଇଯାଇଥିଲା। ଡଙ୍ଗାରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଚାଳକଙ୍କ ସହ ୧୧ ଜଣ ସୁରକ୍ଷିତ ଭାବେ କୂଳରେ ପହଞ୍ଚିଯାଇଥିଲେ ମଧ ୪ ଜଣ ଯାତ୍ରୀ, ୩ ବାଇକ୍ ଓ ଡଙ୍ଗାଟି ପାଣିରେ ବୁଡିଯାଇଥିଲା। ପରେ ୩ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଜଣେ ନିଖୋଜ ହୋଇଯାଇଥିଲେ। ଖବର ପାଇ ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପଡିଆ ଏଏସ୍‌ଆଇ ବିଜୟ ବେନିଆ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମାନବ ଶୃଙ୍ଖଳ କରିବା ସହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରୁଛନ୍ତି। ନଦୀର ଅପର ପାର୍ଶ୍ୱରେ ଥିବା ଏମ୍‌ଭି-୭୯ ପୋଲିସ ପକ୍ଷରୁ ମଧ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଚନ୍ଦାହାଣ୍ଡି, ୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦହାଣ୍ଡି ବ୍ଲକ ଜମାଦାରପଡା ପଞ୍ଚାୟତ କୋନ୍ଦିଓଡା ଗ୍ରାମର ଦୀନବନ୍ଧୁ ଝା'ଙ୍କର ସ୍ତ୍ରୀ ତିଲେ (୨୨)ଙ୍କ ଝୁଲନ୍ତା ମୃତଦେହ ଘରପାଖ ବିଲରୁ ମିଳିଛି। ଆତ୍ମହତ୍ୟା ସନ୍ଦେହ କରି ଚନ୍ଦାହାଣ୍ଡି ପୋଲିସ ୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି। ଏସ୍‌ଆଇ ସମୀର ପ୍ରଧାନ ଦିଆ ଘଟଣାର ତଦନ୍ତ କରୁଛନ୍ତି। କୋନ୍ଦିଓଡା ଗ୍ରାମର ତିଲେ ଶୁକ୍ରବାର ଭୋରରୁ ଶୌଚ ହେବାକୁ ବିଲକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ବିଲରେ ଥିବା ଏକ କରଲା ଗଛରେ ତିଲେଙ୍କ ଝୁଲନ୍ତା ମୃତଦେହ ଦେଖି ସେମାନେ ପୋଲିସ ଓ ମୃତକଙ୍କ ବାପ ଘରକୁ ଖବର ଦେଇଥିଲେ। ମୃତକଙ୍କ ମା ପଦନା ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ସମୀର ପ୍ରଧାନ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିବା ଏସ୍‌ଆଇ ପ୍ରଧାନ କହିଛନ୍ତି।

# ଆଦିବାସୀ ଅଧିକାର ମଞ୍ଚର ୧୫ ଦଫା ଦାବି

ଡାବୁଗାଁ,୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ୧୫ ଦଫା ଦାବି ସମ୍ବଳିତ ଦାବିପତ୍ର ବନ ବିଭାଗ, ତହସିଲଦାର ଓ ଏବିଡିଓଙ୍କୁ ଦିଆଯାଇଛି। ଆଦିବାସୀ ଅଧିକାର ମଞ୍ଚ ଆବାହକ ରାଜେଶ ଜନୀଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଶତାଧିକ ଆଦିବାସୀ ମହିଳା ପୁରୁଷ ଡାବୁଗାଁଠାରେ ରୁଣ୍ଡ ହୋଇଥିଲେ। ଏହାପରେ ଆଦିବାସୀ ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପ୍ରଥମେ ବନ ବିଭାଗ କାର୍ଯ୍ୟାଳୟ, ପରେ ବ୍ଲକ କାର୍ଯ୍ୟାଳୟରେ ଏବିଡିଓ ପଦ୍ମନାଭ ତ୍ରିପାଠୀଙ୍କୁ ଓ ଶେଷରେ ତହସିଲଦାର ଭବାନୀ ଶଙ୍କର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୭୦% ଲୋକଙ୍କୁ ଏ ପର୍ଯ୍ୟନ୍ତ ପଟ୍ଟା ପ୍ରଦାନ କରାଯାଇନାହିଁ। ଅନେକଙ୍କୁ ବାସଗୃହ ମିଳିନାହିଁ। ଡାକ୍ତରଖାନା ଅଛି କିନ୍ତୁ ଡାକ୍ତର ନାହାନ୍ତି। ଗାଁକୁ ରାସ୍ତା ନାହିଁ। ୧୦୦ ବର୍ଷର ଦଖଲ ଜମିର ପଟ୍ଟା ମିଳିନି। ସ୍କୁଲରେ ଶିକ୍ଷକ ଅଭାବ। ଶିକ୍ଷିତ ଯୁବତୀ ଯୁବକଙ୍କ ନିଯୁକ୍ତି ପାଇଁ ଦାବି କରାଯାଇଛି। ଜମିରେ ଜଳସେଚନ ସୁବିଧା ନାହିଁ, ସାର ଅଭାବ, ଶୀତଳଭଣ୍ଡାର ପ୍ରତିଷ୍ଠା, ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ମଧ ହିତାଧିକାରୀଙ୍କୁ ଭତ୍ତା ମିଳୁନି। ଏହିସବୁ ସମସ୍ୟାର ସମାଧାନ କରିବାକୁ ଦାବି କରିଛି ଆଦିବାସୀ ଅଧିକାର ମଞ୍ଚ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଆବାହକ ରାଜେଶ ଚେତାବନୀ ଦେଇଛନ୍ତି।




ଦାବି ଜଣାଇବାକୁ ଆସିଥିବା ମଞ୍ଚ ସଦସ୍ୟମାନେ।

# ଶ୍ରବଣ ଯନ୍ତ୍ର ପ୍ରଦାନ

ପାପଡାହାଣ୍ଡି,୯।୯(ଡି.ଏନ୍.ଏ.)

ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପାପଡାହାଣ୍ଡି ବ୍ଲକର ୧୧ଜଣଙ୍କୁ ଏହି ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଡାକ୍ତର ବିଭୁତି ନାୟକ, ଡାକ୍ତର ରତୁଶ୍ରୀ ପାଳ, ଡାକ୍ତର ପଙ୍କଜ ରାଣା, ରାକେଶ କୁମାର ବେହେରା, କାଜଲ ରାଓ, ଫିରୋଜ ବାଗ, ମଧୁସୂଦନ ପାତ୍ର, ସମୀର ରଞ୍ଜନ ପାତ୍ର, ସ୍ୱାଗତିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

- ବନ୍ଦ ଘରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିବା ଘଟଣା
- ୨ ଝିଅଙ୍କୁ ଧରି ଫେରାର ଥିଲେ ଅଭିଯୁକ୍ତ

ପାପଡାହାଣ୍ଡି,୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ କିଡିଙ୍ଗଗୁଡା ଗାଁରେ ବନ୍ଦ ଘରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ ଘଟଣାରେ ପୋଲିସ ମୃତକଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ମୃତକ ହେଲେ କିଡିଙ୍ଗଗୁଡ଼ାର ତୀର୍ଥ ବଞ୍ଜାରା। ଘଟଣା ଦିନରୁ ସେ ଫେରାର ଥିଲେ। ଏ ନେଇ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ।

ସୂଚନାନୁଯାୟୀ, ବୁଧବାର କିଡିଙ୍ଗଗୁଡ଼ା ଗ୍ରାମରେ ନିର ବଞ୍ଜାରାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଘର ଭିତରୁ ମିଳିଥିଲା। ଘଟଣା ପରେ ସ୍ୱାମୀ ତୀର୍ଥ ଦୁଇ ଝିଅଙ୍କୁ ଧରି ଫେରାର ଥିଲେ। ନିରଙ୍କ ବାପା କୀର୍ତ୍ତନ ଥାନାରେ ଏତଲା ଦେବା ପରେ ପୋଲିସ କେସ୍ ନମ୍ବର ୧୩୯/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଇଦଲପୁର ଅଞ୍ଚଳରୁ ଶୁକ୍ରବାର ପୋଲିସ ଅଭିଯୁକ୍ତ ତୀର୍ଥଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ପାରିବାରିକ କଳହରୁ ତୀର୍ଥ ହତ୍ୟା କରିଥିବା ପୋଲିସ କହିଛି। ଦୁଇ ଝିଅଙ୍କୁ ଅଜାଙ୍କ ଜିମାରେ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ରାମେଶ୍ୱର ପ୍ରଧାନ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଢେମସାର ତାଳେ ତାଳେ ଅହିଂସା ରଥକୁ ସ୍ୱାଗତ

ରାଇଘର/ତେନ୍ତୁଳିଖୁଣ୍ଟି, ୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ପ୍ରଶାସନ ପକ୍ଷରୁ ଅହିଂସା ରଥକୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ଶକ୍ତି ମହାପାତ୍ର, ବ୍ଲକ ଅଧକ୍ଷା ନବୀନା ନାୟକ, ସାମ୍ବାଦିକ ସଂଘ ସଭାପତି ଭବାନୀ ନାୟକ, ଓକିଲ ସଂଘ ସଭାପତି ପୁରୁଷୋତ୍ତମ ମହାପାତ୍ର, ସମ୍ପାଦକ କିରଣ ପଟ୍ଟନାୟକ, ସାମ୍ବାଦିକ ସଂଘ ସମ୍ପାଦକ ଲଳିତ ମୋହନ ନାୟକ, ସଂଘ ସଦସ୍ୟ ଅମିୟ ମହାପାତ୍ର, ଆଶିଷ ମଜୁମଦାର, ମନୋଜ ରାଜପୁତ, ପିଣ୍ଟୁ ମହାରଣା, ଏବିଡିଓ ବିଜୟ କୁମାର ସେଠୀ, ଜିପିଓ ଅଜିତ ନନ୍ଦ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ରଣା, ସିଡିପିଓ ଗୀତାଞ୍ଜଳି ମିଶ୍ର, ବିଇଓ ଈଶ୍ୱର ମାଝି, ଯୋଗାଣ ଅଧିକାରୀ ଦୀପକ ପାତ୍ର, ଥାନାଧିକାରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ଶୁକ୍ରବାର ସକାଳେ ଅହିଂସା ରଥକୁ ସରଗୁଲି ଛକରୁ ସ୍ୱାଗତ କରାଯାଇଥିଲା। ରାଇଘର ଜଗନ୍ନାଥ ମନ୍ଦିରରୁ ବିରାଟ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ମୁଖ୍ୟ ରାସ୍ତା ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଥିବା ଗାନ୍ଧୀମୂର୍ତ୍ତିରେ ମାଲ୍ୟାର୍ପଣ କରିବାପରେ ଏହି ରଥ ଜୋଡିଙ୍ଗା,ହାଟଭରଣ୍ଡି,କୁନ୍ଦେଇ ପର୍ଯ୍ୟନ୍ତ ଗସ୍ତ କରିଥିଲା। ବିଭିନ୍ନ ଛକ ସ୍ଥାନରେ ଦେଶାତ୍ମବୋଧ ସଂଗୀତ ସହ ନାଚ ପରିବେଷଣ କରାଯାଇଥିଲା।

ତେନ୍ତୁଳିଖୁଣ୍ଟି ବ୍ଲକ ସଦର, ଦିଗି, ସଲପା, ଉଦୟପୁର, ଚରାମୂଳା, ଖାତିଗୁଡ଼ାରେ ଅହିଂସା ରଥକୁ ସ୍ୱାଗତ କରାଯାଇଛି। ଦିଗିସଲପାରେ ଅହିଂସା ରଥ ପହଞ୍ଚିବା ପରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ବିଡିଓ ଦୁର୍ଯ୍ୟୋଧନ ଭୋଇ, ତହସିଲଦାର ପ୍ରଦୀପ କର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, ବିପଣୀ ନିରୀକ୍ଷକ ରୋହିତ ମାଝି, ଜିପିଇଓ ମଣ୍ଟୁ ସ୍ୱାଇଁ ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। ସେଠାରୁ ରଥ ଉଦୟପୁର, ଚରାମୂଳା, ଖାତିଗୁଡା ଯାଇଥିଲା। ଖାତିଗଗୁଡ଼ା ଜବାହର ନବୋଦୟ ବିଦ୍ୟାଳୟରୁ ଅହିଂସା ରଥ ସହ ଲୋକ ପ୍ରତିନିଧି ଓ ଅଞ୍ଚଳବାସୀ ପଦଯାତ୍ରାରେ ଯାଇଥିଲେ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପ୍ରଶାସନ ପକ୍ଷରୁ ରଥକୁ ସ୍ୱାଗତ କରାଯାଇଛି। ଅଙ୍ଗନୱାଡି ଓ ଆଶା କର୍ମୀମାନେ ଢେମସା ନୃତ୍ୟ କରିଥିଲେ। ଇଣ୍ଡସ୍ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ସଜେଇହୋଇ ହାତରେ ପତାକା ଧରି ରଥକୁ ସ୍ୱାଗତ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର, କର୍ମକର୍ତ୍ତା ରଥକୁ ସ୍ୱାଗତ କରିଥିଲେ। ବ୍ଲକ କାର୍ଯ୍ୟାଳୟ ନିକଟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଏବିଇଓ ମୋହନ ମଧୁ, ସୁଦନ ବାଘ, ରମେଶ ଟାକ୍ରି, ରାଜସ୍ୱ ନିରୀକ୍ଷକ ସନ୍ତୋଷ ଗରଡ଼ା, କୁନେସ ବିଶ୍ୱାଳ ପ୍ରମୁଖ ଅହିଂସା ରଥ ପରିକ୍ରମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଅହିଂସା ରଥକୁ ସ୍ୱାଗତ ବେଳେ ଛାତ୍ରୀମାନେ ନୃତ୍ୟ କରୁଛନ୍ତି।

# ବ୍ଲକ ଅଫିସ୍ ଆଗରେ ଶହୀଦ ପରିବାରର ଧାରଣା

ନନ୍ଦାହାଣ୍ଡି,୯।୯(ଡି.ଏନ୍.ଏ.)

**ଶହୀଦ, ସ୍ୱାଧୀନତା ସଂଗ୍ରାମୀ ଦାୟାଦଙ୍କୁ ଅଣଦେଖା ଅଭିଯୋଗ**

ନନ୍ଦାହାଣ୍ଡି ବ୍ଲକରେ ପହଞ୍ଚିଲା ଅହିଂସା ରଥ। କିନ୍ତୁ ପୂର୍ବ ନିର୍ଦ୍ଧାରିତ ଯୋଜନାନୁଯାୟୀ କାର୍ଯ୍ୟକ୍ରମ ହେଲାନାହିଁ। ଶହୀଦ, ସଂଗ୍ରାମୀଙ୍କ ପରିବାର ଯେଉଁଠାରେ ରଥକୁ ସ୍ୱାଗତ କରିବାର ଥିଲା ଉକ୍ତ ସ୍ଥାନ ପରିବର୍ତ୍ତନ କରାଗଲା। ସେମାନେ ସେଠାରେ ପହଞ୍ଚିବା ପୂର୍ବରୁ ରଥକୁ ସ୍ୱାଗତ କରିବା କାର୍ଯ୍ୟକ୍ରମ ସରିଯାଇଥିଲା। ଶହୀଦଙ୍କ ପରିବାର ଲୋକେ ଅପମାନିତ ବୋଧ କରି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପ୍ରଶାସନିକ ଅଧିକାରୀଙ୍କୁ ୫ ଦଫା ଦାବିପତ୍ର ଦେଇଛନ୍ତି। ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବା ନେଇ ପ୍ରତିଶ୍ରୁତି ଦେବାପରେ ସେମାନେ ଧାରଣାରୁ ହଟିଥିଲେ।

ଅହିଂସା ରଥ ଶୁକ୍ରବାର ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପରିଭ୍ରମଣ କରିବା କାର୍ଯ୍ୟକ୍ରମ ଥିଲା। ବ୍ଲକର କେଉଁ କେଉଁ ଗାଁକୁ ଯିବ ଓ ସେହି ଗାଁରେ କିଏ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବେ ସେନେଇ ପୂର୍ବରୁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଜିଲା କାର୍ଯ୍ୟାଳୟକୁ ଏହି କାର୍ଯ୍ୟଖସଡ଼ା ପଠାଯିବା ସହିତ ରଥକୁ ସ୍ୱାଗତ କରିବା ପାଇଁ ସମସ୍ତଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ନନ୍ଦାହାଣ୍ଡି ବ୍ଲକ ନୂଆଗାଁକୁ ରଥ ଯିବାର କାର୍ଯ୍ୟକ୍ରମ ଥିଲା। ସେଠାରେ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିଲା। ତେବେ ଅହିଂସା ରଥକୁ ସ୍ୱାଗତ କରିବାକୁ ନୂଆଗାଁରେ ଦାୟାଦମାନେ ଅପେକ୍ଷା କରିଥିବାବେଳେ ଶେଷ ମୁହୂର୍ତ୍ତରେ ରଥ ନୂଆଗାଁ ଗ୍ରାମକୁ ଯିବନାହିଁ ବୋଲି ସୂଚନା ଦିଆଯାଇଥିଲା। ସମସ୍ତେ ଡଙ୍ଗରଭେଜାସ୍ଥିତ ବ୍ଲକ କାର୍ଯ୍ୟାଳୟ ଆସି ସ୍ୱାଗତ କରିବାକୁ କୁହାଯାଇଥିଲା। ଶହୀଦ ପରିବାରର ଦାୟାଦମାନେ ବ୍ଲକ କାର୍ଯ୍ୟାଳୟକୁ ସ୍ୱାଗତ କରିବା ପାଇଁ ଆସିବାବେଳେ ସେଠାରେ କାର୍ଯ୍ୟକ୍ରମ ସରିବା ସହ ଅହିଂସା ରଥ ତେନ୍ତୁଳିଖୁଣ୍ଟି ବ୍ଲକ ଚାଲିଯାଇଥିଲା। ଶହୀଦ ପରିବାର ଦାୟାଦମାନେ ଅପମାନିତବୋଧ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଜଣାଇ ଧାରଣା ଦେଇଥିଲେ। ଖବରପାଇ ନନ୍ଦାହାଣ୍ଡି ବିଡିଓ ଶିବଶଙ୍କର ମୁର୍ମୁ ଧାରଣାସ୍ଥଳକୁ ଆସି କ୍ଷମାପ୍ରାର୍ଥନା କରିଥିଲେ। ଟ୍ରେନିଂରୁ ଫେରି ଗୁରୁବାର କାର୍ଯ୍ୟରେ ଯୋଗଦେଇଥିବାରୁ ଏ ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଅଜ୍ଞ ଅଛନ୍ତି। ପୂର୍ବରୁ ଦାୟିତ୍ୱରେ ଥିବା ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ଆସି ଆଲୋଚନା କରିବାକୁ ସେମାନେ ଦାବି କରିଥିଲେ। ଏହି ଆନ୍ଦୋଳନରେ ନନ୍ଦାହାଣ୍ଡି ବ୍ଲକରୁ ୧୯ଜଣ ଶହୀଦ ପରିବାର ଦାୟାଦ ଧାରଣାରେ ସାମିଲ ହୋଇଥିଲେ। ବୁଦ୍ଧୁ ଜାନୀ, କୃଷ୍ଣ ଗୌଡ଼, ଜଗବନ୍ଧୁ ଜାନୀଙ୍କ ସହିତ ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓର୍‌ମାସ ଜିଲା ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. ଉମା ମହେଶ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଉପସ୍ଥିତିରେ ଉପ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ପାଞ୍ଚଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।



ଧାରଣା ସ୍ଥଳରେ ଶହୀଦ ପରିବାରର ଦାୟାଦ ଓ ଅନ୍ୟମାନେ।

